ବର୍ଷ-୯
ସଂଖ୍ୟା-୨୦୦
ତା-୧୪ ସେପ୍ଟେମ୍ବର ୨୦୨୨
ବୁଧବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949



ମମତା ସରକାରଙ୍କ ବିରୋଧରେ ବିଜେପିର 'ନବନ୍ନା ଚଲୋ' ଅଭିଯାନ

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-200
Date:14, September 2022
Wednesday, Page-8, Rs-2/-
POSTAL Regd.No.10120(K)/17/2018-21




ରଷଭ ପନ୍ତଙ୍କୁ 'ସରି' କହିଲେ ଉର୍ବଶୀ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

## ସିକନ୍ଦରାବାଦର ଇ-ବାଇକ୍ ଶୋରୁମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

### ୮ ମୃତ, ଚାଲିଗଲା ଓଡ଼ିଆ ଦମ୍ପତିଙ୍କ ଜୀବନ



ହାଇଦ୍ରାବାଦ, କଟକ ୧୩/୦୯: ସିକନ୍ଦରାବାଦର ଏକ ଇଲେକ୍ଟ୍ରିକ ଭେଇକିଲ୍ ଶୋରୁମରେ ସୋମବାର ରାତିରେ ନିଆଁ ଲାଗି ୮ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କଟକର ଓଡ଼ିଆ ଦମ୍ପତି ମଧ୍ୟ ରହିଛନ୍ତି । ମୃତ ଦମ୍ପତିଙ୍କ ପରିଚୟ ମିଳିଛି । ସେମାନେ ହେଲେ କଟକ କାଫଲା ବଜାର ମହାନ୍ତି ପଡ଼ାର ଚନ୍ଦନ ଜେଠି ଓ ତାଙ୍କ ସ୍ତ୍ରୀ ମିତାଲି ମହାପାତ୍ର ବୋଲି ଜଣା ପଡ଼ିଛି । ଅଗ୍ନିକାଣ୍ଡବେଳେ ସେହି ବିଲଡିଂରେ ପାଖାପାଖି ୨୫ ଜଣ ଫସି ରହିଥିଲେ । ସେମାନଙ୍କ ମଧ୍ୟରୁ କିଛି ଲୋକ ନିଆଁରୁ ବର୍ତ୍ତିବା ପାଇଁ ବିଲଡିଂର ଝରକା ଦେଇ ବାହାରକୁ ଡେଇଁଥିବା ବେଳେ ଅନ୍ୟ କିଛି ଲୋକଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ । ସୋମବାର ରାତି ୧୦ଟାରେ ଇ-ବାଇକ୍ ଶୋରୁମରେ ନିଆଁ ଲାଗିଥିଲା । କେହି କିଛି ନବୁଝିବା ପୂର୍ବରୁ ନିଆଁ ପୁରା ବିଲଡିଂରେ ବ୍ୟାପି ଯାଇଥିଲା । ଫଳରେ ଶୋରୁମ୍ ଉପରେ ଥିବା ହୋଟେଲ୍ କ୍ଷତିଗ୍ରସ୍ତ ହେବା ସହିତ ସେଠାରେ ରହୁଥିବା ଲୋକମାନଙ୍କର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି । ସିକନ୍ଦରାବଦର ଏହି ଅଗ୍ନିକାଣ୍ଡ ସାରାଦେଶରେ ହୋଇଥିବା ଏଭଳି ପୂର୍ବ ଘଟଣାକୁ ମନେ ପକାଇଦେଇଛି । ପୋଲିସ କହିଛି ଯେ, ଗେମୋପାଇ ବ୍ରାଣ୍ଡର ୩୫ରୁ ୪୦ଟି ଇ-ବାଇକ୍ ଚାର୍ଜିଂ ୟୁନିଟ୍‌ରେ ଥିଲା । ଗ୍ରାଉଣ୍ଡ ଫ୍ଲୋରରେ ଇ-ବାଇକ୍‌ଗୁଡ଼ିକ ଚାର୍ଜ ହେବାବେଳେ ସର୍ଟ ସର୍କିଟ୍ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥିବା ପୋଲିସ ସନ୍ଦେହ କରୁଛି । ପରେ ଚାହୁଁ ଚାହୁଁ ଏହି ନିଆଁ ଗ୍ରାଉଣ୍ଡ ଫ୍ଲୋରରୁ ଫାଷ୍ଟ ଫ୍ଲୋର ସହିତ ଅନ୍ୟ ଫ୍ଲୋରକୁ ବ୍ୟାପି ଯାଇଥିଲା । ଫଳରେ ଏଥିରୁ ରକ୍ଷା ପାଇବାକୁ କିଛି ଲୋକ ବିଲଡିଂର ଝରକା ଦେଇ ବାହାରକୁ ଡେଇଁଥିବା ବେଳେ ଅନ୍ୟମାନଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ । ନିଆଁ ଲାଗିଥିବା ୪ ମହଲା ବିଲଡିଂର ଉପର ତାଲାରେ ଥିବା ଝରକାରୁ ଧୂଆଁ ବାହାରିବାରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ଫସିଥିବା ହୋଟେଲ୍ ଗେଷ୍ଟଙ୍କୁ ଉଦ୍ଧାର କରିବାକୁ କ୍ରେନ୍ ଓ ଅନ୍ୟାନ୍ୟ ବ୍ୟବହାର କରିଥିଲେ । ପରେ ଅଗ୍ନିଶମ କର୍ମୀମାନେ ତୁରନ୍ତ ବିଲଡିଂର ଉପର ତାଲାରୁ ଫସିରହିଥିବା ୭ଜଣ ହୋଟେଲ୍ ଗେଷ୍ଟଙ୍କୁ ଉଦ୍ଧାର କରିଥିଲେ । ପରେ ସେମାନଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ସ୍ଥାନାନ୍ତର କରଯାଇଥିଲା । ବିଲଡିଂର ଫାଷ୍ଟ ଫ୍ଲୋରରେ ଚାର୍ଜ ହେବା ବେଳେ ବ୍ୟାଟେରି ବିସ୍ଫୋରଣ ହୋଇ କିମ୍ବା ସର୍ଟ ସର୍କିଟ୍ ହୋଇ ଏପରି ଅଗ୍ନିକାଣ୍ଡ ହୋଇଛି, କିନ୍ତୁ ଅଗ୍ନିଶମ ବିଭାଗର ତଦନ୍ତ ପରେ ନିଆଁ ଲାଗିବାର ସଠିକ କାରଣ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି । ସୂଚନାଥାଉ କି, ଅଗ୍ନିକାଣ୍ଡ ହୋଇଥିବା ବିଲଡିଂ ପରିସରରେ ଫାର୍ୟା ଏନଓସି (ନୋ ଅବଜେକ୍‌ସନ୍ ସାର୍ଟିଫିକେଟ୍) ଏବଂ କୌଣସି ଫାର୍ୟା ସେଫ୍ଟି ଉପକରଣ ନଥିଲା ହୋଟେଲ୍‌ର ୪ଟି ଫ୍ଲୋରରେ ମୋଟ ୨୩ଟି ରୁମ୍ ଥିବା ଜଣା ପଡ଼ିଛି ବୋଲି ପୋଲିସ କହିଛି । ଅନ୍ୟପଟେ ହାଇଦ୍ରାବାଦର ପୋଲିସ କମିଶନର ସିଭି ଆନନ୍ଦ କହିଛନ୍ତି ସିଡ଼ି ପାହାଚ ଦେଇ ଧୂଆଁ ତଳ ଫ୍ଲୋରରୁ ଉପର ଫ୍ଲୋର ପର୍ଯ୍ୟନ୍ତ ସମସ୍ତ ଫ୍ଲୋରରେ ବ୍ୟାପି ଯାଇଥିଲା । ଫାଷ୍ଟ ଫ୍ଲୋର ଏବଂ ସେକେଣ୍ଡ ଫ୍ଲୋରରେ ଶୋଇଥିବା ଲୋକମାନ କରିଡର ପର୍ଯ୍ୟନ୍ତ ଆସିବାକୁ ସକ୍ଷମ ହୋଇଥିଲେ କିନ୍ତୁ ଅଧିକ ଧୂଆଁ ହେତୁ ଶ୍ୱାସରୁଦ୍ଧ ହୋଇ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ଏପରି ଦୁର୍ଘଟଣା କାରଣରୁ ସମ୍ପୃକ୍ତ ବିଲଡିଂର ମାଲିକଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି । କିନ୍ତୁ ଏହି ଘଟଣାପରେ ସେ ଫେରାର ଅଛନ୍ତି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତେଲେଙ୍ଗାନା ନଗର ପ୍ରଶାସନ ଏବଂ ସହରି ବିକାସ ମନ୍ତ୍ରୀ କେଟି ରାମା ରାଓ ଶୋକ ପ୍ରକାଶ କରିଛନ୍ତି । ଏହା ସହିତ ମୃତକଙ୍କ ପାଇଁ କେନ୍ଦ୍ର ସରକାର ଏବଂ ସ୍ଥାନୀୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଗ୍ରହ ରାଶି ଘୋଷଣା କରାଯାଇଛି ।

## ନୂଆ ରୂପରେ ଉତ୍କଳ ମଣ୍ଡପ

ଭୁବନେଶ୍ୱର, ୧୩ ସେପ୍ଟେମ୍ବର- ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣ୍ଡପ ଏବେ ନୂଆ ରୂପରେ ସଜେଇ ହୋଇଛି । ଏହି ମଣ୍ଡପର ଏବେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଛି । ଏଣିକି ଦର୍ଶକମାନେ ଏକ ଆକର୍ଷଣୀୟ ମଣ୍ଡପରେମନୋଜ୍ଞ ପରିବେଶ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ । ରାଜ୍ୟ ସରକାରଙ୍କ ତରଫରୁ ୯୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାସ୍ତା ଓ କୋଠାବାଡି (ପୂର୍ତ୍ତ) ବିଭାଗ ଦ୍ୱାରା ଏହି କାର୍ଯ୍ୟ ସମାପ୍ତ କରାଯାଇଛି । ଏଠାରେ ଯେପରି ସାଂସ୍କୃତିକ ଦଳମାନେ ନିଜକୁକାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରିପାରିବେ, ସେଥିପାଇଁ ମଂଚ ପଛପଟେ ଥିବା ୨ ଟି ବେସମେଂଟ ହଲ ଓ ଗ୍ରୀନରୁମ ଗୁଡ଼ିକର ଆଧୁନିକୀକରଣ କରାଯାଇଛି ।ସବୁ ପ୍ରକୋଷ୍ଠରେ ସୁନ୍ଦର ସୁନ୍ଦର ଆକର୍ଷଣୀୟ ଦର୍ପଣ ଲଗାଯାଇଥିବାବେଳେ ଏଲ୍.ଇ.ଡି ଆଲୋକରେ ମଂଚ ସଜେଇହୋଇଛି । ନବୀକରଣ କରାଯାଇଥିବା ଏହି ଉତ୍କଳମଣ୍ଡପରେ ଏଣିକି ବିଭିନ୍ନ ସଂସ୍ଥା ଦ୍ୱାରା ସାଂସ୍କୃତିକ ଆୟୋଜନ କରିବା ସହଜ ହୋଇଛି । ଇଚ୍ଛୁକ ଅନୁଷ୍ଠାନମାନେ ଏଣିକି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନ୍‌ଲାଇନ୍ ଯୋଗେ ଉତ୍କଳ ମଣ୍ଡପ ବୁକିଂ କରିପାରିବେ ବୋଲି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସୂଚନା ଦିଆଯାଇଛି । ସୌନ୍ଦର୍ଯ୍ୟକରଣ କରାଯାଇଥିବା ଏହି ଉତ୍କଳ ମଣ୍ଡପକୁ ଆଜି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ବିଭାଗୀୟ ଅଧିକାରୀଙ୍କ ସମେତ ପରିଦର୍ଶନ କରିଥିଲେ । ପ୍ରକାଶ ଥାଉକି,ଚଳିତ ବର୍ଷ ଫେବୃୟାରୀ ୨୪ ତାରିଖରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ , (ରାସ୍ତା ଓ କୋଠାବାଡି) ଡିଭିଜନ-୪,ନିର୍ମାଣସୌଧ,ଭୁବନେଶ୍ୱର ଓ ପ୍ରଖ୍ୟାତ ଓଡିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତି ପ୍ରମୁଖ ପରିଦର୍ଶନ କରି ଏହାର ନବୀକରଣ ନିମନ୍ତେ ଉତ୍କଳମଣ୍ଡପ ପରିଦର୍ଶନ କରିଥିଲେ ।ତଦନୁସାରେ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି(ପୂର୍ତ୍ତ) ବିଭାଗକୁ ଉତ୍କଳମଣ୍ଡପର ନବୀକରଣ କାର୍ଯ୍ୟ ପାଇଁ ଗତ ମଇ ୨ ତାରିଖରେ ହସ୍ତାନ୍ତର କରାଯାଇଥିଲା ଓ ଇତିମଧ୍ୟରେ ମଣ୍ଡପର ନବୀକରଣ କାର୍ଯ୍ୟ ସଂପାଦନ କରାଯାଇଛି ।

## ମୁମ୍ବାଇରେ ୧୫ଟି କମ୍ପାନୀର ପ୍ରତିନିଧିଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର, ୧୩ ସେପ୍ଟେମ୍ବର- ଆଗାମୀ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ଯାଏଁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ମେକ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍ ପାଇଁ ବୃହତ୍ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁମ୍ବାଇଠାରେ ଏକ ଓଡ଼ିଶା ଇନ୍ ଭେଷ୍ଟର୍ସ ମିଟ୍ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ୧୫ଟି କମ୍ପାନୀର ମୁଖ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ବୈଠକ କରି ଓଡ଼ିଶାର ଶିଳ୍ପ ଆଭିମୁଖ୍ୟ ଉପରେ ଆଲୋଚନା କରିଛନ୍ତି । କ୍ରିସିଲ୍ ଲିଃ, ନାଲ୍‌କୋ ଓ ସହଯୋଗୀ କମ୍ପାନୀ, ଥାଇସେନ୍‌କ୍ରୁପ୍ ଇଣ୍ଡିଆ ଲିଃ, ଆଇଏମ୍‌ପି ପାୱାର ଲିଃ, ରୋଚେନ୍ ସେପାରେସନ୍ ସିଷ୍ଟମ୍(ଇଣ୍ଡିଆ) ପ୍ରା.ଲିଃ ପ୍ରମୁଖ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସହ ମୁଖ୍ୟ ଶାସନ ସଚିବ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ । ଶ୍ରୀ ମହାପାତ୍ର ଓଡ଼ିଶା ସରକାର ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ନିମନ୍ତେ ଦେଉଥିବା ବିଭିନ୍ନ ସୁବିଧାସୁଯୋଗ ଏବଂ ଭିତିଭୂମି ବିକାଶ ବାବଦରେ ସେମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜମିଯୋଗାଣ, ଉନ୍ନତ ମାନର ବିଦ୍ୟୁତ, ଶିଳ୍ପପୁଞ୍ଜି ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍ ଭଳି ବ୍ୟବସ୍ଥା ଉପଲବ୍ଧ ହେଉଥିବା ବିଷୟ ଉପସ୍ଥାପନ କରିଥିଲେ । ଏହି ଆଲୋଚନାରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

## ନକଲି ଔଷଧ କାରବାର ମାମଲା : ଜେଲ୍ ଗଲେ ୨ ଡିଲର୍

ଭୁବନେଶ୍ୱର, ୧୩ ସେପ୍ଟେମ୍ବର - କଟକରେ ନକଲି ଔଷଧ କାରବାର ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ଜେଲ୍ ଯାଇଛନ୍ତି । ମଙ୍ଗଳବାର ଦିନ ଦୁଇ ଅଭିଯୁକ୍ତ ଭିଆର ଡ୍ରଗ୍ସର ମାଲିକ ରାହୁଲ କ୍ୟାଲ ଓ ପୂଜା ଏଂଟରପ୍ରାଇଜେସ୍ ମାଲିକ ସଞ୍ଜୟ ଜଲାନଙ୍କୁ କଟକ ଏସଡିଜେଏମ କୋର୍ଟରେ ହାଜର କରାଇଥିଲା କଟକ ପୁରୀଘାଟ ଥାନା ପୋଲିସ୍ । ଉଭୟ ଜାମିନ ପାଇଁ ଆବେଦନ କରିଥିବା ବେଳେ କୋର୍ଟ ଏହାକୁ ଖାରଜ କରିଛନ୍ତି । ଏହାପରେ ଉଭୟଙ୍କୁ ୧୪ ଦିନ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି । ଜାମିନ ଆବେଦନ ଖାରଜ ପରେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ରାହୁଲ କ୍ୟାଲ ଓ ସଞ୍ଜୟ ଜଲାନଙ୍କ ଓକିଲ ପାର୍ଥ ସାରଥି ନାୟକ । ସୂଚନାଯୋଗ୍ୟ ଯେ ଡ୍ରଗ୍ସ କଂଟ୍ରୋଲରର ଚଢାଉ ବେଳେ କଟକରେ ବିପୁଳ ପରିମାଣର ନକଲି ଔଷଧ ବିକ୍ରି ହୋଇଥିବା ଜଣାପଡିଥିଲା । ଉଭୟ ରାହୁଲ ଓ ସଂଜୟଙ୍କ ନାଁରେ ଅଭିଯୋଗ ଆସିଥିଲା । ଗତକାଲି ସେମାନେ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ୍ ସେମାନଙ୍କୁ ଗିରଫ କରିଥିଲା । କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ଜେରା ପରେ ଆମେ ଗିରଫ କରିଛୁ । ଜେରା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଏମାନେ ବିହାର ଓ ବେଙ୍ଗାଲୁରରୁ ଏହି ନକଲି ଔଷଧ ଆଣୁଥିଲେ । ଏହି ତଥ୍ୟକୁ ନେଇ ଆମେ ଆଗକୁ ତଦନ୍ତ କରିବୁ । ଉଭୟ ଗିରଫ ଅଭିଯୁକ୍ତଙ୍କୁ ଆମେ ରିମାଣ୍ଡରେ ଆଣିବୁ ।ରାଜ୍ୟ ବାହାରକୁ ମଧ୍ୟ ପୋଲିସ ଟିମ ଯାଇ ତଦନ୍ତ କରିବ । ଏମାନଙ୍କଠାରୁ ଯେଉଁମାନେ ଔଷଧ ନେଉଥିଲେ ସେମାନେ ବି ତଦନ୍ତ ପରିସରଭୁକ୍ତ ହେବେ ।

## ଅହିଂସା ରଥ ପରିକ୍ରମାର ୩୦ ଦିନ ପୂର୍ତ୍ତି



ଭୁବନେଶ୍ୱର,୧୩ ସେପ୍ଟେମ୍ବର - ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଆଜି ରାଜ୍ୟରେ ଅହିଂସା ରଥ ପରିକ୍ରମାର ୩୦ ଦିନ ସଂପୂର୍ଣ୍ଣ ହୋଇଛି । ୪ ଟି ଅହିଂସା ରଥ ସମଗ୍ର ରାଜ୍ୟ ପରିକ୍ରମା ନିମନ୍ତେ ଯାତ୍ରା ଆରମ୍ଭ କରି ଇତି ମଧ୍ୟରେ ୧୯ଟି ଜିଲ୍ଲା ପରିକ୍ରମା ଶେଷ କରିଛନ୍ତି । ଏବେ କୋରାପୁଟ ଓ ବାଲେଶ୍ୱର ଜିଲ୍ଲାରେ ପରିକ୍ରମା ଜାରି ରହିଛି । ବିଗତ ୨୯ ଦିନ ଧରି ଗାନ୍ଧିଜୀଙ୍କ ବିଚାର ତଥା ସତ୍ୟ ଏବଂ ମାନବତାର ବାର୍ତ୍ତା ପ୍ରଚାର କରି ଅହିଂସା ରଥ ଓଡ଼ିଶାର କୋଣଅନୁକୋଣରେ ପରିକ୍ରମା କରୁଛି । ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ସମୟର କାହାଣୀ, ସ୍ୱାଧୀନତା ସଂଗ୍ରାମୀ ତଥା ବୀର ସଂଗ୍ରାମୀମାନଙ୍କର ଭୂମିକା ବିଷୟରେ ବିସ୍ତୃତ ସୂଚନା ସହ ପାଇକ ବିଦ୍ରୋହ, ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ବାବଦରେ ଅହିଂସା ରଥ ଜନସାଧାରଣଙ୍କୁ ଅବଗତ କରାଉଛି । ଉତ୍ତରପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଏବଂ ଗାନ୍ଧିଜୀଙ୍କ ଅହିଂସା ଦର୍ଶନ ସଂପର୍କରେ ଅବଗତ କରିବାରେ ଅହିଂସା ରଥ ପ୍ରଭାବୀ ହୋଇପାରିଛି । ସବୁଠାରେ ଅହିଂସା ରଥକୁ ମିଳୁଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା । ପାରମ୍ପରିକ ନୃତ୍ୟଗୀତ, ସଂକୀର୍ତନ, ଭିଡ଼ିଓ ସୋ ପ୍ରଦର୍ଶନ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିପୁଳ ଜନସମାଗମ ଅହିଂସା ରଥ ପ୍ରତି ବ୍ୟାପକ ଆକର୍ଷଣକୁ ପ୍ରତିପାଦିତ କରୁଛି । ଉଲ୍ଲେଖଯୋଗ୍ୟ ଯେ ବିଭାଗ ପକ୍ଷରୁ ପ୍ରାୟୋଜିତ 'ଅହିଂସା ରଥ'କୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା ମିଳିବା ସହିତ ସମାଜର ବିଭିନ୍ନ ବର୍ଗର ଲୋକେ ଅନୁପ୍ରେରିତ ହେଉଛନ୍ତି ।

## ୨୦୨୨-୨୩ ବର୍ଷରେ ଓଡ଼ିଶାରେ ୩୦୦ ବିଜୁ ସେତୁ ନିର୍ମାଣ ଲକ୍ଷ୍ୟ



ଭୁବନେଶ୍ୱର,୧୩ ସେପ୍ଟେମ୍ବର - ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୩୦୦ ବିଜୁ ସେତୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ମଙ୍ଗଳବାର ଗ୍ରାମ୍ୟ ନିର୍ମାଣ ଭବନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ମନ୍ତ୍ରୀ ଶ୍ରୀ ଘଡ଼ାଇ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେତୁର ଗୁଣବତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବା ସହ ସେ ପ୍ରକଳ୍ପ ନିମନ୍ତେ ଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଥିବା ସମସ୍ୟାର ତ୍ୱରିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେତୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା ନେଇ ପ୍ରତ୍ୟେକ ମାସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଘଡ଼ାଇ ପ୍ରକାଶ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ କହିଛନ୍ତି ଯେ ସେତୁ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପନ୍ନ କରିବାରେ ଉଭୟ ବିଭାଗୀୟ ଅଧିକାରୀ ଏବଂ ଏଜେନ୍ସୀଙ୍କ ସମାନ ଦାୟିତ୍ୱ ରହିଛି । ତେଣୁ ସମସ୍ତଙ୍କୁ ଦଳଗତ ମନୋଭାବ ନେଇ କାମ କରିବାକୁ ପଡ଼ିବ । ସମସ୍ତ ଯନ୍ତ୍ରୀମାନଙ୍କୁ କ୍ଷେତ୍ର ଗସ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାଗୁଡ଼ିର ସମାଧାନ କରି ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ସେତୁ ପରି ଐତିହାସିକ ଯୋଜନାର ପରିକଳ୍ପନା କରିଥିଲେ । ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୧୩୯ଟି ବିଜୁ ସେତୁ ନିର୍ମାଣ ହୋଇଛି ଏବଂ ୨୦୨୩ ମାର୍ଚ୍ଚ ସୁଦ୍ଧା ଆହୁରି ୩୦୦ଟି ବିଜୁ ସେତୁ ନିର୍ମାଣ କରାଯିବ । ଏହି ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ଯନ୍ତ୍ରୀମୁଖ୍ୟ ପ୍ରଦୀପ ସାମଲ, କୋଠାବାଡ଼ି ଓ ସେତୁର ମୁଖ୍ୟଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଶାସନ ସଚିବ ଇଂ ଅକ୍ଷୟ କୁମାର ପ୍ରଧାନ, ମୁଖ୍ୟଯନ୍ତ୍ରୀ(ରାସ୍ତା) ସଂଜୀବ ମହାନ୍ତିଙ୍କ ସମେତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଏଜେନ୍ସୀମାନେ ଉପସ୍ଥିତ ଥିଲେ ।

## ଗୋମହିଷାଦିଙ୍କୁ ଚର୍ମବିଣ୍ଡି ରୋଗରୁ ରକ୍ଷା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ

ଭୁବନେଶ୍ୱର,୧୩ ସେପ୍ଟେମ୍ବର - ଉଲରଭାରତର କିଛି ରାଜ୍ୟରେ ଗୋମହିଷାଦି ଚର୍ମବିଣ୍ଡି ରୋଗରେ ଆକ୍ରାନ୍ତ ହୋଇଥିବା ପରିପ୍ରେକ୍ଷୀରେ ଓଡ଼ିଶାରେ ଏହି ରୋଗ ବ୍ୟାପିବାକୁ ପ୍ରତିରୋଧ କରିବା ଦିଗରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶ କ୍ରମେ ବିଭାଗ ପକ୍ଷରୁ ଆଗୁଆ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚର୍ମବିଣ୍ଡି ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ ନିମନ୍ତେ ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲାର ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ପତ୍ର ଲେଖି ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବାଲେଶ୍ୱର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା,



ଗଞ୍ଜାମ, ଗଜପତି, ନୂଆପଡ଼ା, ସୁନ୍ଦରଗଡ଼, ବରଗଡ଼, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଚର୍ମବିଣ୍ଡି ରୋଗର ଲକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସଂପର୍କରେ ବ୍ୟାପକ ପ୍ରଚାର ଓ ଜନସଚେତନତା କରିବାକୁ ସିଡ଼ିଭିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହିସବୁ ଜିଲ୍ଲାରେ ରାଜ୍ୟ ସୀମାର ୫ କିମି ପରିଧି ମଧ୍ୟରେ ଥିବା ସୀମାବର୍ତ୍ତୀ ବ୍ଲକ୍ ଓ ଗ୍ରାମଗୁଡ଼ିକୁ ଚିହ୍ନଟ କରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ କୁହାଯାଇଛି । ପ୍ରାଣୀମାନଙ୍କ ମଧ୍ୟରେ ରୋଗ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ଔଷଧ ପ୍ରୟୋଗର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନକୁ ଆନ୍ତରାଜ୍ୟ ଗୋମହିଷାଦିର ପରିବହନ ଉପରେ କଟକଣା ଲାଗୁ କରିବା ପାଇଁ ପରାମର୍ଶ ଦିଆଯାଇଛି । ଗୋମହିଷାଦିର ବ୍ୟବସାୟ ଓ ପ୍ରାଣୀମେଳା, ପ୍ରଦର୍ଶନୀ ଆଦିକୁ ସାମୟିକ ଭାବେ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଜାତୀୟ ଶିକ୍ଷା ନୀତି ଦାସତ୍ୱ ମାନସିକତାରୁ ମୁକ୍ତି ଦେବ : ଧର୍ମେନ୍ଦ୍ର ପ୍ରଧାନ

ବଡନଗର/ଭୁବନେଶ୍ୱର, ୧୩।୯ :ଆମ ଦେଶର ଐତିହ୍ୟକୁ ନେଇ ଗର୍ବିତ ହେବା ଏବଂ ଦାସତ୍ୱ ମାନସିକତାରୁ ମୁକ୍ତି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟତା ସହ ଯୋଡ଼ି ହୋଇଥିବା ରାଷ୍ଟ୍ରୀୟ ଶିକ୍ଷା ନୀତି ଦେଶରେ ପ୍ରଣୟନ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର ଗୁଜରାଟର ବଡନଗର ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ବହମୁଖୀ ସଭାଗୃହର ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ୨ ହଜାର ୫୦୦ ବର୍ଷ ପୁରୁଣା ବଡନଗର ସମୃଦ୍ଧ ଇତିହାସ, ଧାର୍ମିକ ସ୍ୱତନ୍ତ୍ରତା ଏବଂ ସହିଷ୍ଣୁତାର ମୂକସାକ୍ଷୀ। ବଡ଼ନଗର ଭଳି ଆମ ଦେଶର ସମୃଦ୍ଧ ଐତିହ୍ୟକୁ ଆହୁରି ଆଗକୁ କିଭଳି ନିଆଯାଇପାରିବ, ଏ ଦିଗରେ ନୂଆପିଢିକୁ ଚିନ୍ତା କରିବାର ଆବଶ୍ୟକତା ରହିଛି। ବିକଶିତ ଭାରତର କଳ୍ପନାକୁ ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ବହୁତ ବଡ଼ ସଂକଳ୍ପ ନେବାର ଆବଶ୍ୟକତା ରହିଛି । ନୂଆ ଜାତୀୟ ଶିକ୍ଷା ନୀତିରେ ନୂଆପିଢିଙ୍କୁ ବୈଶ୍ୱିକ ନାଗରିକ ଭାବେ ପରିଣତ କରିବାର ସାମର୍ଥ୍ୟ ରହିଛି । ଭାରତର ଲୋକମାନେ ବିଶ୍ୱର ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଛନ୍ତି । ଆମେ ଦୁନିଆର ଦାୟିତ୍ୱ ସେବେ ନେବା ଯେବେ ଆମେ ଆମର ଦାୟିତ୍ୱକୁ ବୁଝିବା । ଏଥିପାଇଁ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ହେବା ଏବଂ ଜାତୀୟ ଶିକ୍ଷା ଆଧାରରେ ଆଗାମୀ ପିଢ଼ିକୁ ପ୍ରସ୍ତୁତ କରିବା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜ୍ଞାନ, ଆଧାତ୍ମିକ, ବୈଭବ, ସଭ୍ୟତା ଏବଂ ସଂସ୍କୃତିର ଏକ ଜୀବନ୍ତ କେନ୍ଦ୍ର ହେଉଛି ବଡନଗର । ଏକବିଂଶ ଶତାବ୍ଦୀର ନେତୃତ୍ୱ ପ୍ରଦାନ କରିବାକୁ ଥିବା ବିଦ୍ୟାର୍ଥୀଙ୍କ ପାଇଁ ଆଜି ବହୁମୁଖୀ ସଭାଗୃହ ଭଳି ସୁବିଧାର ଲୋକାର୍ପଣ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯଦି ଇଚ୍ଛାଶକ୍ତି ଅଛି ତେବେ ବ୍ୟବସ୍ଥା ମାଧ୍ୟମରେ ବଡ଼ ପରିଣାମ ଆସିପାରିବ । ବଡନଗରର ଏହି ନବୋଦୟ ବିଦ୍ୟାଳୟ ଏହାର ଜ୍ୱଳନ୍ତ ଉଦାହରଣ । ଏଠାକୁ ସାଧାରଣ ପୃଷ୍ଠଭୂମିରୁ ଆସୁଥିବା ପିଲାମାନେ ପାଠପଢ଼ି ଭଲ ମଣିଷ ହୁଅନ୍ତି । ବଡନଗରରେ ଏହି ସଂସ୍କାର ଅଛି ଯେ, ସାଧାରଣ ଘରର ଲୋକ ଆଜି ଦେଶର ପ୍ରଧାନମନ୍ତ୍ରୀ ପଦବୀରେ ଅଧିଷ୍ଠିତ ହୋଇଛନ୍ତି । ଆଜି ମୋଦି ଭାରତର ନୁହଁ ବରଂ ବିଶ୍ୱ ନେତା ଅଟନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସେହିପରି ବଡନଗର ଷ୍ଟେସନ ପରିସରରେ ପ୍ରଧାନମନ୍ତ୍ରୀଙ୍କ ବାପାଙ୍କ ଚା’ ଦୋକାନ ଥିବା ସ୍ଥାନ କେନ୍ଦ୍ରମନ୍ତ୍ରୀ ବୁଲିଛନ୍ତି । ଏ ନେଇ କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଯେଉଁଠାରୁ ପ୍ରେରଣାଦାୟୀ ଜୀବନ ଯାତ୍ରା ଆରମ୍ଭ କରିଥିଲେ, ସେ ସ୍ଥାନ ଦେଖିବା ମୋ ପାଇଁ ଗର୍ବର କଥା । ବଡନଗର ରେଳ ଷ୍ଟେସନ ନିକଟସ୍ଥ ଚା’ ଦୋକାନ ଯେଉଁଠାରେ ଛୋଟବେଳେ ପ୍ରଧାନମନ୍ତ୍ରୀ ତାଙ୍କ ବାପାଙ୍କୁ ଚା’ ବିକ୍ରୀରେ ସହଯୋଗ କରୁଥିଲେ । ଏହା ହେଉଛି ନିଷ୍ଠା, ସାହସ ଏବଂ ପରିଶ୍ରମର ଏକ ପ୍ରମାଣ । ତତସହ ଏହା ପ୍ରମାଣ ହେଉଛି, ଯେକୌଣସି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜଣେ ସଫଳ ହୋଇପାରିବ ଏବଂ ଲକ୍ଷାଧିକ ଲୋକଙ୍କ ଆଶାର କିରଣ ହୋଇପାରିବ । ଏହି ଗୁଜରାଟ ଗସ୍ତ କାଳରେ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ର ସହ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବଡନଗର ସ୍ଥିତ ପ୍ରେରଣା ସ୍କୁଲ ପ୍ରକଳ୍ପ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ । ପ୍ରେରଣା ସ୍କୁଲ ପ୍ରକଳ୍ପ ନେଇ ଗୁଜରାଟର ମୁଖ୍ୟ ଶାସନ ସଚିବ ଏବଂ ଶିକ୍ଷା ଅଧିକାରୀଙ୍କ ସହ ବୈଠକ କରିଥିଲେ । ଏହାବ୍ୟତିତ ବଡନଗର ସ୍ଥିତ ହଟକେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦର୍ଶନ କରିବାର ଲାଭ କରିଥିଲେ ।




## ରାଜ୍ୟର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର,୧୩।୯ (ନିପ୍ର): ସାରା ରାଜ୍ୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଓ ଏହାର ବିଭିନ୍ନ ଉପାଦାନଗୁଡ଼ିକର ସଠିକ ବ୍ୟବହାର ଓ ପରିଚାଳନା ଉପରେ ଆଲୋଚନା ହୋଇଥିଲା । ଶିକ୍ଷକଶିକ୍ଷୟିତ୍ରୀମାନେ ୫-‘ଟି’ ରୂପାନ୍ତରଣ ବିଷୟରେ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ । ଶୈକ୍ଷିକ ଅଭିବୃଦ୍ଧି, ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି, ସ୍ମାର୍ଟ ଶ୍ରେଣୀଗୃହ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷଣ, ଇ-କଂଟେଂଟ ମାଧ୍ୟମରେ ଶିକ୍ଷାଦାନ, ଇ-ଲାଇବ୍ରେରୀ, ବିଜ୍ଞାନାଗାରର ବ୍ୟବହାର, ଶୁଦ୍ଧ ପାନୀୟ ଜଳର ଉପଲବ୍ଧତା ଓ ଶୌଚାଳୟର ବ୍ୟବହାର, ବିଦ୍ୟାଳୟର ପରିଷ୍କାରପରିଚ୍ଛନ୍ନତା, କ୍ରୀଡ଼ା ଓ ଖେଳପଡ଼ିଆର ବିକାଶ ଉପରେ ବିଶଦ ଆଲୋଚନା କରାଯାଇଥିଲା। ଅଭିଭାବକମାନେ ଉକ୍ତ ବୈଠକରେ ରାଜ୍ୟ ସରକାରଙ୍କ ତରଫରୁ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ବିକାଶ ତଥା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟ ଉନ୍ନତିକରଣ ପ୍ରକିୟାରେ ସେମାନେ ସମ୍ମିଳିତ ଭାବେ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀ ଏଥିରେ ଯୋଗଦାନ କରି ତଦାରଖ ଓ ପରିଦର୍ଶନ କରିଥିଲେ। ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅଭିଭାବକ ଓ ଶିକ୍ଷକ ବୈଠକ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି।

## ଆଠଗଡ଼ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୯ (ନିପ୍ର): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଆଠଗଡ଼ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରି ଯାତ୍ରୀମାନଙ୍କ ନିମନ୍ତେ ଲୋକାର୍ପିତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନଠାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ବସଷ୍ଟାଣ୍ଡର ବାକିଥିବା ସିଭିଲ, ଇଲେକ୍‌ଟ୍ରିକାଲ୍ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ନିମନ୍ତେ ବକେୟା ଅର୍ଥରାଶିକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥି ସହିତ ଟେଣ୍ଡରରେ ସାମିଲ ହୋଇଥିବା କାର୍ଯ୍ୟ ବ୍ୟତୀତ ବସଷ୍ଟାଣ୍ଡରେ ଅଗ୍ନିନିର୍ବାପକ ବ୍ୟବସ୍ଥା, କାର୍ଯ୍ୟାଳୟର ଆସବାବପତ୍ର, ସିସିଟିଭି ଏବଂ ଜେନେରେଟର ଆଦି ବ୍ୟବସ୍ଥାର ଅତିରିକ୍ତ କାର୍ଯ୍ୟ ନିମନ୍ତେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଅତିରିକ୍ତ ବ୍ୟୟରାଶି ୨୦ ତାରିଖ ସୁଦ୍ଧା ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବସଷ୍ଟାଣ୍ଡ ନିର୍ମାଣ ଯୋଗୁ ଉଚ୍ଛେଦ ଏବଂ ସ୍ଥାନାନ୍ତରିତ ହୋଇଥିବା ଦୋକାନୀମାନଙ୍କୁ ଉପଯୁକ୍ତ ଭାବରେ ଥଇଥାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ପେନସନ୍ ଦାବି ସମ୍ବନ୍ଧୀୟ ଆଲୋଚନାଚକ୍ର : ପୂର୍ତ୍ତ ସଂଗଠନ

ଭୁବନେଶ୍ୱର, ୧୩।୯ (ନିପ୍ର): କର୍ମଚାରୀମାନେ ମିନିମମ୍ ପେନ୍‌ସନ୍ ସର୍ବନିମ୍ନ ୯ ହଜାର ଟଙ୍କା ମାସିକ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି । ଏହା ବିଚାରାଧିନ ଅଛି ବୋଲି “ଓଡ଼ିଶା ୱାର୍କସ୍ ଡିପାର୍ଟମେଂଟ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ଆସୋସିଏସନ୍” ଆନୁକୂଲ୍ୟରେ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ କର୍ମଚାରୀ ଭବନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ପେନସନ୍ ସମ୍ବନ୍ଧୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନୀ ଭାଷଣରେ କହିଥିଲେ । ସେ କହିଛନ୍ତି ଯେ, କର୍ମଚାରୀମାନେ ଚାକିରୀରୁ ଅବସର ନେବାପରେ ପରିଣତ ବୟସରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟଦାୟକ । ନବୀନ ସରକାର ଏହା ଜାଣି ହୃଦୟଙ୍ଗମ କରି କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଛନ୍ତି । ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ପେନ୍‌ସନ୍ ସମ୍ବନ୍ଧୀୟ ଦାବିନେଇ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଏ ଦିଗରେ ହୃଦୟର ସହ ବିଚାର କରୁଛନ୍ତି ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଉପେନ୍ଦ୍ରନାଥ ବିଶ୍ୱାଳ, ମୁଖ୍ୟ ସଂଯୋଜକ ତଥା ଉପଦେଷ୍ଟା ଗଗନ ଭଞ୍ଜ, କର୍ମଚାରୀ ନେତା ସର୍ବଶ୍ରୀ ଆଶୀଷ ନନ୍ଦ, ନିରଞ୍ଜନ ବାହିନୀପତି, ସଂଘ ଉପଦେଷ୍ଟା କପିଳେଶ୍ୱର ବାରିକ, ସଂଘ ସଭାପତି ଅଶୋକ ଚୌଧୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ କର୍ମଚାରୀ ନେତା ସୁଧାଂଶୁ ପତି ସଭାରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଅରୁଣ କେଶରୀ ପରିଡ଼ା ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଶ୍ରୀ ଭଞ୍ଜ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିନା ପେନସନ୍‌ରେ ଅବସର ଗ୍ରହଣ କରିଥିବା କୋରାପୁଟ ଜିଲ୍ଲାର ସୁକାନ୍ତ ମହାରଣା, ଭଞ୍ଜନଗରର ସୀମାଂଚଳ ମହାରଣା, କନ୍ଧମାଳର ସନ୍ତୋଷ ସାହୁ, କଟକର କଲ୍ୟାଣ ମହାରଣା ଓ ଭୁବନେଶ୍ୱରର ନୀଳମଣି ବାରିକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୫-ଟି ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲା ଶିକ୍ଷା ଅଧିକାରୀ

କୃଷ୍ଣପ୍ରସାଦ,୧୩।୯ (ନିପ୍ର): ପୁରୀ ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶ ଡ଼ଃ.ବିଶ୍ୱଜିତ ଘୋଷ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ୫-ଟି ବିଦ୍ୟାଳୟ ପରିଦର୍ଶନ କରି ଶୈକ୍ଷିକ ବାତାବରଣ ପରଖିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ରୂପାନ୍ତିକରଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ନାରାୟଣ ବିଦ୍ୟାପୀଠ, ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ବିଦ୍ୟାପୀଠ,କମଳେଶ୍ୱର ବିଦ୍ୟାପୀଠ,ସାନସୀମା ହାଇସ୍କୁଲ,ମାଲୁଦ ଉଚ୍ଚ ବିଦ୍ୟାଳୟ, ଡ଼. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ପ୍ରଭୃତି ବିଦ୍ୟାଳୟ ମାନ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶର ସ୍ଥିତି ପରଖିଥିଲେ । ଏଥି ସହିତ ମାଲୁଦ ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଁଚି ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ସହିତ ନିଜର ଅଧ୍ୟାପନା ଜୀବନର ଅନୁଭୂତିକୁ ବାଣ୍ଟିଥିଲେ । ୫-ଟି ଯୋଜନାରେ ନିର୍ମାଣ ହୋଇଥିବା ବିଦ୍ୟାଳୟ ଗୁଡ଼ିକର ପରିଚାଳନା କମିଟି ଏବଂ ସ୍ଥାନୀୟ ସରପଞ୍ଚ ମାନଙ୍କ ସହିତ ଆଲୋଚନା କରିଥିଲେ । ବିଦ୍ୟାଳୟ ଗୁଡ଼ିକର ଅଧୁରା କାର୍ଯ୍ୟ ଖୁବଶୀଘ୍ର ଶେଷ କରିବାକୁ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ବିଆରସିସି ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ପେଞ୍ଚାକ୍ ସିଲାଟ ସେମିନାର ଉଦ୍‌ଘାଟିତ

ନବରଙ୍ଗପୁର,୧୩।୯(ନି.ପ୍ର):ସ୍ଥାନୀୟ ଗାନ୍ଧିନଗର ସ୍ଥିତ ବୈଭବ କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟ ସ୍ତରୀୟ ପେଞ୍ଚାକ୍ ସିଲାଟ ସେମିନାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକଙ୍କୁ କ୍ରୀଡା ସହ ଜଡିତ ରହିବା ଉଚିତ୍ ବୋଲି ମତ ପ୍ରକାଶ କରିଛନ୍ତି । ବୈଠକରେ ସମ୍ମାନିତ ଅତିଥି ଭାବରେ ପୌରାଧ୍ୟକ୍ଷ କୁନୁ ନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ ପେଞ୍ଚାକ୍ କ୍ରୀଡା କୁ ପୋଲିସ କ୍ରୀଡାରେ ସାମିଲ କରିବା ନେଇ ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀଙ୍କ ସହ ଆଲୋଚନା କରିଥିବା କହିଥିଲେ ।ଏହି କ୍ରୀଡାକୁ ନିଜ ପୋଲିସ ଦଳରେ ସାମିଲ କରିବା ନେଇ ଆରକ୍ଷୀ ଅଧୀକ୍ଷକ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପଟ୍ଟନାୟକ କହିଥିଲେ।

ଏହି ଅବସରରେ ଜିଲ୍ଲା ଆନଜୀବୀ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର,ଅନ୍ତର୍ଜାତୀୟ ରେଫରି ପ୍ରେମସିଂ ଥାପା ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ସଂଘର ଉପଦେଷ୍ଟା ଜଗନ୍ନାଥ ବେହେରା ପରିଚାଳନା କରିଥିବା ବେଳେ ସଂଘର ସଭାପତି ଦୀପକ ସାହୁ,କୋଷାଧ୍ୟକ୍ଷ ତ୍ରିପତି ବେହେରା ଏବଂ ଲିଙ୍ଗରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ରାଜ୍ୟର ୨୦ଟି ଜିଲ୍ଲାରୁ ସମସ୍ତ ସଂଘର ସମ୍ପାଦକ, କୋଚ, ରେଫରି ଏବଂ କ୍ରୀଡା ବିଚାରକ ଯୋଗ ଦେଇଛନ୍ତି । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସେମିନାର ଆନ୍ତର୍ଜାତିକ ରେଫରି ଓ କୋଚ ପ୍ରେମସିଂ ଥାପା ଏବଂ ହରିଶ ବେହେରା ପେଞ୍ଚାକ୍ ସିଲାଟ କ୍ରୀଡାର ନୂତନ ଭାବେ ପରିବର୍ତ୍ତନ କରାଯାଇଥିବା ବିଭିନ୍ନ ନିୟମ ଏବଂ ବୈଷୟିକ ଜ୍ଞାନ କୌଶଳ ପ୍ରଶିକ୍ଷଣ ଦେବେ ବୋଲି ସୂଚନା ମିଳିଛି ।

## ଗଣେଶ ପୂଜା ବିସର୍ଜନ ଉତ୍ସବରେ ସୃଷ୍ଟି ହୋଇଥିବା ଧ୍ୱନି ପ୍ରଦୂଷଣ ବୟସ୍କ ବ୍ୟକ୍ତିଙ୍କୁ ଅତିଷ୍ଠ କରିଛି

ତାଳଚେର,୧୩।୯ (ନିପ୍ର): ଗଣେଶ ପୂଜା ବିସର୍ଜନ ଉତ୍ସବରେ ପ୍ରଶାସନ ତରଫରୁ ଧ୍ୱନି ପ୍ରଦୂଷଣ ସୃଷ୍ଟି ନକରିବା ଉପରେ ଦୃଢ଼ କଟକଣା ଲଗାଯାଇଥିଲେ ବି ମଧ୍ୟ ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ଗଣେଶ ପୂଜା ବିସର୍ଜନରେ ଡିଜେ ସାଉଣ୍ଡର ପ୍ରଚଣ୍ଡ ଧ୍ୱନିରେ କୋଠା ଗୁଡିକ କମ୍ପନରେ ଥରି ଉଠୁଥିବା ବେଳେ ବୟସ୍କ ବ୍ୟକ୍ତି ମାନଙ୍କର ଛାତି ଥରି ସେମାନଙ୍କ ଦେହରେ କମ୍ପନ ସୃଷ୍ଟି ହୋଇଥିବା ଆଲୋଚନା ଏହା ସାଧାରଣରେ ଅଭିଯୋଗ ହୋଇଛି। ଡିଜେ ସାଉଣ୍ଡର ମାତ୍ରା ଏତେ ପ୍ରଚଣ୍ଡ ଥିଲା ଯେ ଏହାକୁ କେହିବି ବରଦାସ୍ତ କରିପାରୁ ନଥିଲେ, ସାଉଣ୍ଡରକୁ କଣ୍ଟ୍ରୋଲ କରିବା ପାଇଁ ଲୋକେ ଏଥିନେଇ ଅଭିଯୋଗ କରିଛନ୍ତି ହେଲେ ଅଭିଯୋଗକୁ କୌଣସି ମେଢ଼ ଖାତିର ନକରି ଅଧିକ ସାଉଣ୍ଡ ବଢ଼ାଇ ଲୋକଙ୍କୁ କଷ୍ଟ ଦେଇଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏହା ବୁଦ୍ଧିଜୀବୀ ମହଲରେ ମଧ୍ୟ ଏହାକୁ ନାପସନ୍ଦ କରାଯାଇଛି । ଛୋଟ ଛୋଟ ଶିଶୁମାନେ ଧ୍ୱନି ପ୍ରଦୂଷଣର ଶିକାର ମଧ୍ୟ ହେଇଛନ୍ତି । ବିସର୍ଜନ ଉତ୍ସବର ଶୋଭାଯାତ୍ରାରେ ଯାଉଥିବା ପ୍ରତ୍ୟେକ ମେଢ଼ରେ ଡିଜେ ସାଉଣ୍ଡ ବ୍ୟବହାର କରାଇଥିବା ବେଳେ ଏହି ଧ୍ୱନି ପ୍ରଦୂଷଣର ମାତ୍ରା ବଢିଥିବା ଯୋଗୁଁ ଏହା ଲୋକଙ୍କ ମଧ୍ୟରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା ବୋଲି ଯାହା ସାଧାରଣ ରେ ମତ ପ୍ରକାଶ ପାଇଛି। ଏଣୁ ମାତ୍ରାଧିକ ଧ୍ୱନି ପ୍ରଦୂଷଣ ଉପରେ ପ୍ରଶାସନ ପକ୍ଷରୁ ଏହାକୁ ଅଙ୍କୁଶ ଲଗାଇବା ଅତ୍ୟନ୍ତ ଜରୁରୀ ହୋଇଛି ବୋଲି ବିଭିନ୍ନ ମହଲରେ ଏନେଇ ମତ ପ୍ରକାଶ ପାଇଛି।

## ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୩।୯ (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ଅଙ୍ଗନବାଡ଼ି କେନ୍ଦ୍ର ଠାରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅଙ୍ଗନବାଡ଼ି କର୍ମୀ କବିତା ରାଣୀ ବିଶ୍ୱାଳ,ସହାୟିକା ରେବତୀ ସାହୁ,ମାତୃ କମିଟି ସଦସ୍ୟା ମମତା ତରେଇ,ଯାଞ୍ଚ କମିଟି ସଦସ୍ୟ ସଞ୍ଜୟ କୁମାର ବାରୀକି, ଦିଗମ୍ବର ପଲେଇ ସମେତ ଗର୍ଭବତୀ, ପ୍ରସୂତୀ ଓ କିଶୋରୀ ବାଳିକା ମାନେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଏହି ପୋଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ପିଲାମାନଙ୍କର ପୁଷ୍ଟିକର ଖାଦ୍ୟ ଯଥା ବିଭିନ୍ନ ସବୁଜ ପନିପରିବା ଖାଇବା ଦ୍ୱାରା ଉତ୍ତମ ରୂପେ ଶରୀର ବୃଦ୍ଧି ହେବା ସହିତ ସୁସ୍ଥ ସବଳ ହୋଇ ଜ୍ଞାନରେ ମଧ୍ୟ ଉନ୍ନତି ହୋଇଥିବା ବିଷୟରେ ଉତ୍ତମ ରୂପେ ଅବଗତ କରିଥିଲେ । ସେପ୍ଟେମ୍ବର ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପୋଷଣ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ସେକ୍ଟର ଏବଂ ପଞ୍ଚାୟତସ୍ତରରେ ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ବୋଲି କୃଷ୍ଣପ୍ରସାଦ ସିଡିପିଓ ମନୋରମା ଦେବୀ ପ୍ରକାଶ କରିଛନ୍ତି।

## ବିଜ୍ଞାନ ଓ କାରିଗର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେଲେ ମନ୍ତ୍ରୀ ଅଶୋକ ପଣ୍ଡା

ଭୁବନେଶ୍ୱର, ୧୩।୯ (ନିପ୍ର): ରାଜ୍ୟଗୁଡ଼ିକରେ ବିଜ୍ଞାନ ଓ ବୈଷୟିକ ପରିମଣ୍ଡଳର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ଅଧିକ ସମ୍ବଳ ଓ ସମର୍ଥନ ଯୋଗାଇଦେବା ଉପରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି । ଅହମଦାବାଦରେ ଆୟୋଜିତ ରାଜ୍ୟ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ବିଜ୍ଞାନ ଓ ବୈଷୟିକ ଗବେଷଣା, ଅଭିନବତ୍ୱ ଓ ଉଦ୍ୟମିତା କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ ପାଇଁ ମତ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟଗୁଡ଼ିକର ଇନୋଭେସନ୍ ସିଷ୍ଟମ ଏବଂ କେନ୍ଦ୍ର ଇନୋଭେସନ୍ ସିଷ୍ଟମର ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଦେବା ସହିତ ଘରୋଇ ଉଦ୍ୟୋଗଗୁଡ଼ିକର ସହଭାଗିତା ନିମନ୍ତେ ପରାମର୍ଶ ଦେଇଛନ୍ତି । ବିଜ୍ଞାନ ଓ କାରିଗରୀ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକ ସିଏସ୍‌ଆର ପାଣ୍ଠିର କିଛି ଅଂଶ ବ୍ୟୟ କରିବା ସାଙ୍ଗକୁ ପ୍ରତି ରାଜ୍ୟ ଓ କେନ୍ଦ୍ରରେ ଏଥି ପାଇଁ ଏକ କର୍ପସ୍ ଫଣ୍ଡ ସୃଷ୍ଟି ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା କେନ୍ଦ୍ର ବିଜ୍ଞାନ ଓ କାରିଗରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟରେ ବିଜ୍ଞାନ ଓ କାରିଗରୀ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ପ୍ରତିଷ୍ଠାନକୁ ବାୟୋ-ଇନକ୍ୟୁବେସନ୍ ସେଂଟର ଓ ଷ୍ଟାର୍ଟଅପ୍ ଗବେଷଣା ନିମନ୍ତେ ୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି ଓ ପ୍ରତିଷ୍ଠାନ ଅଧୀନରେ ୨୪ଟି ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଅନୁରୂପ ଭାବରେ ଓଡ଼ିଶା ସରକାର ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଭାବବିନିମୟକୁ ସୁଦୃଢ଼ କରିବା ପାଇଁ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ ସେଂଟର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ରାଜ୍ୟର ବିଜ୍ଞାନ ଓ କାରିଗରୀ ନୀତି ପ୍ରଣୟନ ପ୍ରକ୍ରିୟା ଜାରି ରହିଛି ବୋଲି ଦର୍ଶାଇବା ସହିତ ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟର ୫୦୦ଟି ବିଦ୍ୟାଳୟରେ ଇନୋଭେସନ୍ ହବ୍ ଖୋଲିବାର ଯୋଜନା ରହିଛି ଓ ୨୦୨୩ ସୁଦ୍ଧା ୨୦୦ କୋଟି ଟଙ୍କା ବ୍ୟୟରେ ୫୦ଟି ହବ୍ ଖୋଲାଯିବ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀର ଲିଡରସିପ୍ ସେସନ୍‌ରେ ମନ୍ତ୍ରୀ ଶ୍ରୀ ପଣ୍ଡା ଅଂଶଗ୍ରହଣ କରିଥିଲେ । ସମ୍ମିଳନୀର ବିଭିନ୍ନ ଅଧିବେଶନରେ ବିଜ୍ଞାନ ଓ ବୈଷୟିକ ଦୃଶ୍ୟପଟ-୨୦୪୭, ୨୦୩୦ ସୁଦ୍ଧା ଘରୋଇ ଉଦ୍ୟୋଗଗୁଡ଼ିକରେ ଗବେଷଣା ନିମନ୍ତେ ଦୁଇଗୁଣା ପାଣ୍ଠି ବିନିଯୋଗ, କୃଷକଙ୍କ ଆୟବୃଦ୍ଧି ଦିଗରେ ବୈଷୟିକ ହସ୍ତକ୍ଷେପ, ସମସ୍ତ ପାଇଁ ସ୍ୱଚ୍ଛ ଶକ୍ତି ସମ୍ବଳ ଓ ଗଭୀର ସମୁଦ୍ର ମିଶନ ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କେନ୍ଦ୍ର ବିଜ୍ଞାନ ଓ ବୈଷୟିକ, ଭୂ-ବିଜ୍ଞାନ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ରଜନୀକାନ୍ତ ପଟେଲ୍, ଗୁଜରାଟର ଶିକ୍ଷା, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଜିତୁଭାଇ ଏସ୍. ବାଘାନୀଙ୍କ ସମେତ ମନ୍ତ୍ରାଳୟର ସମସ୍ତ ବିଭାଗର ସଚିବ, ବିଭିନ୍ନ ରାଜ୍ୟର ବିଭାଗୀୟ ସଚିବ, ଶିଳ୍ପପତି, ଶିକ୍ଷାବିତ୍, ବୈଜ୍ଞାନିକ, ଉଦ୍ୟୋଗ କର୍ମକର୍ତ୍ତା ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଅଂଶଗ୍ରହଣ କରି ମତବିନିମୟ କରିଥିଲେ । ଓଡ଼ିଶାରୁ ବିଭାଗର ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର ଓ ବରିଷ୍ଠ ବୈଜ୍ଞାନିକ ଡ. ଏଲ୍.ଏନ୍. ପାଢ଼ୀ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେଇଥିଲେ ।


## ସାମ୍ବାଦିକଙ୍କ ବିୟୋଗରେ ଶୋକ

ନିରାକାରପୁର,୧୩।୯ (ନିପ୍ର): ନୟାଗଡ଼ ଜିଲ୍ଲାର ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ଅକାଳ ବିୟୋଗ ଘଟିଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ଗତକାଲି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଥିଲେ ଓଡିଶା ୱେବ ଆଣ୍ଡ ଡିଜିଟାଲ ମିଡିଆ ଓଡିଶା ସଂଘର ନୟାଗଡ଼ ଜିଲ୍ଲା ସଂପାଦକ। ତାଙ୍କର ଅକାଳ ବିୟୋଗରେ ନିରାକାରପୁର ସାମ୍ବାଦିକ ସଂଘ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଘର ସଭାପତି ଦୀପକ ପ୍ରଧାନଙ୍କ ପୌରହିତ୍ୟରେ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଏକ ସଭାରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ପୂର୍ବକ ଅମର ଆତ୍ମାର ସଦଗତି ଓ ଶାନ୍ତି ପାଇଁ ନିରବ ପାର୍ଥନା କରାଯାଇଥିଲା। ସଂଘର ଉପ ସଭାପତି କପିଳେଶ୍ୱର ସିଂହ, ମୁଖପାତ୍ର ବିକ୍ରମ କେଶରୀ ସାହୁ, କୋଷାଧ୍ୟକ୍ଷ ହିମାଂଶୁ ଭୂଷଣ ଚଂପତିରାୟ, ପ୍ରକାଶ ବଳିୟାରସିଂ, ବିଭୁତି ଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ଢେଙ୍କାନାଳ,୧୩।୯ :ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମର ଜଣେ ମୃତ ଓ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ସକାଳ ସମୟରେ ପ୍ରଧାନ ସାହି ମଣ୍ଡପରେ ଲକ୍ଷ୍ମୀଧର ସାହୁ (୪୫) ଓ ଚିତ୍ରସେନ ସାହୁ (୫୦) ବସିଥିବା ସମୟରେ ବଜ୍ରପାତ ଘଟିଥିଲା। ଦୁହେଁ ମଣ୍ଡପରେ ଅଚେତ ଅବସ୍ଥାରେ ଗଳିପଡିଲେ। ପରିବାର ଲୋକେ ଘଟଣା ସ୍ଥଳରୁ ଦୁହିଁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନ ମେଡିକାଲରେ ଭର୍ତି କରାଇଥିଲେ। ଡାକ୍ତର ଲକ୍ଷ୍ମୀଧର ସାହୁଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚିତ୍ରସେନଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ଚିକିତ୍ସା ଚାଲିଥିବା ଜଣାପଡିଛି। ଲକ୍ଷ୍ମୀଧରଙ୍କ ପରିବାର ଲୋକେ ଭୁବନ ଥାନାରେ ଏକ ଅପମୃତ୍ୟୁ ମାମଲା କରିବା ପରେ ମେଡିକାଲରେ ପୋଲିସ ପହଁଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

## କିନ୍ନରମାନଙ୍କୁ ପାଇଁ ସ୍ୱୀକୃତି କାର୍ଯ୍ୟକ୍ରମର ସଚେତନତା ଶିବିର



କୋଟଗଡ଼,୧୩/୯(ନି.ପ୍ର): ସ୍ୱୀକୃତି କାର୍ଯ୍ୟକ୍ରମ ସଚେତନ ଶିବିର କୋଟଗଡ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତରେ ସମାଜରେ ରହୁଥିବା କିନ୍ନରମାନଙ୍କୁ ଯେଉଭଳି ଖରାପ ଦୃଷ୍ଟିରେ ନ ଦେଖିବା ଓ ସେମାନଙ୍କୁ ସମାଜର ମୌଳିକ ସୁବିଧାରୁ ବଞ୍ଚିତ ନ କରିବା । ସେମାନଙ୍କୁ ସମାଜରେ ସମ୍ମାନ ଦେବା ନେଇ ସ୍ୱୀକୃତି ଯୋଜନାରେ ସାମିଲ କରି ସରକାରଙ୍କ ଠାରେ ପୁଞ୍ଜିକୃତ କରିବା ନେଇ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାତି ଅନୁଷ୍ଠାନର ମୁଖ୍ୟ ହରିଶଙ୍କର ରାଉତ, ବାଲିଗୁଡା ଆଇଟିଡିଏ ଜୀବନ ଜୀବିକାର ଏକ୍ସପୋର୍ଟ ଶରତ ଚନ୍ଦ୍ର ସାହୁ, ଟ୍ରେନର ପ୍ରଦୀପ ସ୍ୱାଇଁ, ଯୋଗ ଦେଇଥିଲେ ।ମୁଖ୍ୟ ଅଥିତି ଭାବେ କୋଟଗଡ଼ ବ୍ଲକ ଅଧକ୍ଷା ପିଙ୍କି କହଁର,ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ଜୁନ ପ୍ରଧାନ, ଶିଶୁ ବିକାଶ ଅଧିକାରୀ ପି ହରଲକ୍ଷ୍ମୀ, ଏପିଓ ସୂର୍ଯ୍ୟକାନ୍ତ ସେନାପତି, ବିଏସଏସଓ ପ୍ରିୟବ୍ରତ ପଣ୍ଡା, ଜିଲ୍ଲା ପରିଷଦସଭ୍ୟ ଜିରିମିୟ ସୁନାମାଝି ଉପସ୍ଥିତ ରହିଥିଲେ । ଶେଷରେ ସ୍ୱାତି ଅନୁଷ୍ଠାନ ତରଫରୁ କୋଟଗଡ ଅଞ୍ଚଳରେ ରହିଥିବା ଚାରି ଜଣ କିନ୍ନରଙ୍କୁ କୋଟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ୩୦୦୦ ଟଙ୍କାର ଚେକ ଗୁଡିକ ପ୍ରଦାନ କରାଯାଇଥିଲା । ଏହି ରାଶି ପାଇ କିନ୍ନର ମାନେ ଖୁସି ଥିବା ବେଳେ ନିଜ ପ୍ରତିକ୍ରିୟାରେ ସେମାନେ ଏହିପରି କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ଧନ୍ୟବାଦି ବୋଲି ପ୍ରକାଶ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉକ୍ତ ସଂସ୍ଥା ମାଧ୍ୟମରେ ପ୍ରୟାସ କରି ଏହି କାର୍ଯ୍ୟକ୍ରମ କରିଥିବାରୁ କୃତଜ୍ଞତା ପ୍ରକାଶ କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଲେ ମଶୁଣିହତା ଗ୍ରାମବାସୀ

ତାଳଚେର, ୧୩/୯(ନି.ପ୍ର): ଭୁବନେଶ୍ୱର ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଣିହାଁ ମଶୁଣିହତା ଗ୍ରାମବାସୀ ମାନେ ଭେଟି କୃତଜ୍ଞତା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ଏନ୍‌ଟିପିସି ଠାରୁ ଜମି ବାବଦକୁ କ୍ଷତିପୂରଣ ପାଇଥିବାରୁ ସେମାନେ ଧନ୍ୟବାଦ ଜଣାଇଛନ୍ତି। ଏନଟିପିସି ଦ୍ୱାରା ମଶୁଣିହତା ଗ୍ରାମଟି ଅଧିଗ୍ରହଣ ହୋଇଛି। ଏହାର କ୍ଷତିପୂରଣ ବାବଦରେ ଅର୍ଥ ଏନଟିପିସି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ଠାରେ ଦୁଇ ବର୍ଷ ପୂର୍ବରୁ ପଇଠ କରିସାରିଛି । ସେହି ଗ୍ରାମର କିଛି ଲୋକଙ୍କର କ୍ଷତି ପୂରଣ ମଧ୍ୟ ପ୍ରଶାସନ ଦେଇ ସାରିଛି । କିନ୍ତୁ ଦୁଇ ବର୍ଷ ହେବ ଉକ୍ତ ଗ୍ରାମର ନବେ ଭାଗ ଲୋକଙ୍କ କ୍ଷତିପୂରଣ ରାଶି ମିଳି ପାରି ନଥିଲା, ଏହାକୁ ନେଇ ଜିଲ୍ଲା ପ୍ରଶାସନ, ଏନଟିପିସି କର୍ତ୍ତୃପକ୍ଷଙ୍କ ପାଖକୁ ଦୌଡି ଦୌଡି ଆନ୍ଦୋଳନ କରି ମଧ୍ୟ କୌଣସି ସୁଫଳ ମିଳି ପାରି ନଥିଲା ।ଶେଷରେ ମଶୁଣିହତା ଗ୍ରାମବାସୀମାନେ ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲଙ୍କୁ ଭେଟି ଏ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରାମବାସୀଙ୍କୁ ନେଇ ଶ୍ରୀ ସାମଲ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଗୋଚର କରିଥିଲେ। ଧର୍ମେନ୍ଦ୍ର ପ୍ରଧାନ ଏ ମର୍ମରେ ମଶୁଣିହତା ଗ୍ରାମର କ୍ଷତିପୂରଣ ପାଇଁ କେନ୍ଦ୍ର ଶକ୍ତି ମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ୟା ସମାଧାନ କରିବାକୁ ଅନୁରୋଧ କରିଥିଲେ। ଆଜି ସେମାନଙ୍କର ସମସ୍ୟା ସମାଧାନ ହୋଇଛି ଏବଂ କ୍ଷତିପୂରଣ ପାଇବାକୁ ଗ୍ରାମକୁ ନୋଟିସ ଆସିଛି। ଏହାକୁ ନେଇ ଗ୍ରାମବାସୀ ଖୁସି ପ୍ରକଟ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଏବଂ କାଳନ୍ଦି ସାମଲଙ୍କ ଉଦ୍ୟମ ପାଇଁ ଆଜି ମଶୁଣିହତା ଗ୍ରାମବାସୀ କ୍ଷତିପୂରଣ ପାଇ ପାରିଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସମ୍ପାଦକ କାଳନ୍ଦି ସାମଲଙ୍କ ଉପସ୍ଥିତି ରେ କଣିହାଁ ମଣ୍ଡଳ ବିଜେପି ସଭାପତି ଦେବେନ୍ଦ୍ର ବାରିକଙ୍କ ନେତୃତ୍ୱରେ ମଶୁଣିହତା ଗ୍ରାମର ମନମୋହନ ସାହୁ, ପ୍ରଫୁଲ୍ଲ ନାଏକ, ବାବୁଲି ବେହେରା, ସୁଦାମ ବେହେରା, ଶ୍ରୀମନ୍ତ ସାହୁ, ନିର୍ମଳ ପ୍ରଧାନ, ବିଭୁତି ଭୂଷଣ ବେହେରା, ଲିପୁ ବୋଇତା,ବିଘ୍ନ ପ୍ରଧାନ, ପିଣ୍ଟୁ ପ୍ରଧାନ ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଆଶ୍ରମ ବିଦ୍ୟାଳୟରେ ଚିକିତ୍ସା ଅବହେଳାରୁ ଛାତ୍ରର ମୃତ୍ୟୁ ଅଭିଯୋଗ

ମାଲକାନଗିରି : ମାଲକାନଗିରି ଜିଲ୍ଲା ପାଣ୍ଡ୍ରିପାଣି ପଂଚାୟତ ସ୍କୁଲ ଛାତ୍ରାବାସରେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ବାପା-ମା'' ଛେଉଣ୍ଡ କୋମଳମୋତୀ ଶିଶୁର ଜୀବନ ଚାଲି ଯାଇଥିବା ବେଳେ ଆଜି ପୁଣି କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲା ତୁମସାପାଲି ପଞ୍ଚାୟତ ଅନ୍ତର୍ଗତ ଚିଡିପାଲି ଗାଁର ପ୍ରଦୀପ ମୁଚାକି କାଲଦାପାଲି ପଞ୍ଚାୟତ ଅନ୍ତର୍ଗତ କୋଲା ଗଣ୍ଡା ସ୍କୁଲରେ ଅଧ୍ୟୟନ କରୁଥିଲେ ।ତେବେ ଗତ ୨୩ ତାରିଖ ଦିନ ତା ଦେହ ଖରାପ ହେବା ଯୋଗୁଁ ତାକୁ ପଡ଼ିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏହା ପରେ ୨୭ ତାରିଖ ଦିନ ଦେହ ଅଧିକ ଅସୁସ୍ଥ ହେବାରୁ ତାଂକୁ ତା ନିଜ ଘର ଚିଡିପାଲିରେ ହୋଷ୍ଟେଲ କର୍ତ୍ତୃପକ୍ଷ ଆଣି ଛାଡି ଦେଇଥିଲେ । ଏହାପରେ ପରିବାର ଲୋକେ ପ୍ରଦୀପକୁ ୨୮ ତାରିଖ ଦିନ ମାଲକାନଗିରି ମେଡିକାଲ ଆଣି ଚିକିତ୍ସା କରାଇବା ସମୟରେ ଚିକିତ୍ସ୍ୟାଳୟରେ ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।ତେବେ ଦୀର୍ଘ ଦିନ ଧରି ହଷ୍ଟେଲରେ ତାର ଚିକିତ୍ସା କରାନଯିବା କାରଣରୁ ତାର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ପ୍ରଦୀପଙ୍କ ପରିବାର ଲୋକେ ।ଅନ୍ୟଦିଗରେ ସ୍କୁଲ କର୍ତ୍ତୃପକ୍ଷ ସ୍କୁଲ ହଷ୍ଟେଲରେ ତା ଦେହ ଅସୁସ୍ଥ ଥିବା ସମୟରେ ତାକୁ ଚିକିତ୍ସା କରାଯାଇଥିଲା ଓ ସେ ସୁସ୍ଥ ଥିଲା କିନ୍ତୁ ୨୭ ତାରିଖ ଦିନ ଦେହ ଅସୁସ୍ଥ ହେବାରୁ ତାଙ୍କୁ ତାଙ୍କ ଘରେ ଛାଡିବା କଥା କହିଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ।ତେବେ ବାରମ୍ବାର ଏଭଳି ଛାତ୍ରାବାସଗୁଡିକରେ ପିଲାମାନଙ୍କର ଚିକିତ୍ସା କରାନଯାଇ ରଖାଯିବା ଏବଂ ପରେ ଗୁରୁତର ହେଲେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ନିଜେ ଚୁପ ବସିବା ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଅକାଳରେ ଜୀବନ ଚାଲିଯାଉଥିବା କୁହାଯାଇଛି ।

## ଜଳେଶ୍ୱର ପୌରପାଳିକାରେ ସ୍ୱାୟତ ଶାସନ ଦିବସ ପାଳିତ

ଜଳେଶ୍ୱର : ଦୀର୍ଘ ୨ବର୍ଷ ଧରି କୋଭିଡ୍ ମହାମାରୀ ପ୍ରଭାବରେ ପବିତ୍ର ସ୍ୱାୟତ ଶାସନ ଦିବସ ପାଳିତ ହୋଇ ପାରି ନ ଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ୩୧ ପବିତ୍ର ସ୍ୱାୟତ ଶାସନ ଦିବସଟିକୁ ଜଳେଶ୍ୱର ପୌର ପାଳିକା ମହାସମାରୋହରେ ପାଳନ କରିଛି । ଜଳେଶ୍ୱର ସହର ୧୭ଗୋଟି ରାଜସ୍ୱ ଗ୍ରାମକୁ ନେଇ ୧୯୬୪ ମସିହାରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ଏନ.ଏ.ସି ଭାବେ ମାନ୍ୟତା ଲାଭ କରିଥିବା ବେଳେ ୧୯୧୪ ମସିହାରେ ପୌର ପରିଷଦ ଭାବେ ମାନ୍ୟତା ଲାଭ କରିଥିଲା । ଏହାର ଲୋକ ସଂଖ୍ୟା ୨୦୧୧ ମସିହା ଜନଗଣନା ଅନୁଯାଇ ୨୫୭୪୭ ଥିବା ବେଳେ ବର୍ତ୍ତମାନ ୩୦୦୦୦ ଲୋକ ସଂଖ୍ୟାରେ ପହଂଚିଛି । ଚଳିତ ବର୍ଷ ସ୍ୱାୟତ ଶାସନ ଦିବସ ପାଳନ କରିବା ଅବସରରେ ସକାଳ ୫ଟାରେ ରାମଧୂନ ସାରା ସହର ମଧ୍ୟରେ ଗାନ କରାଯାଇଥିଲା । ସକାଳ ୮ଟାରେ ଜାତୀୟ ପତାକା ପୌରପାଳିକା ପରିସରରେ ଉତୋଳନ କରାଯିବା ସହିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପୌର ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପାରିଷଦ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଜି.କେ. ଭଞ୍ଜ ହସପିଟାଲର ରୋଗୀ




ମାନଙ୍କ ମଧ୍ୟରେ ଏବଂ ଭିନ୍ନକ୍ଷମ ବିଦ୍ୟାଳୟ ଓ ଗାନ୍ଧି ସେବାଶ୍ରମର ପିଲା ମାନଙ୍କ ମଧ୍ୟରେ ଫଳ ବଣ୍ଟନ କରାଯାଇଥିଲା । ଦିବା ୧୦ଘଟିକା ସମୟରେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଅଶ୍ୱିନୀ କୁମାର ପାତ୍ର ମାନ୍ୟବର ଓଡିଶା ରାଜ୍ୟମନ୍ତ୍ରୀ, ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ, ମୁଖ୍ୟବକ୍ତା ଭାବେ ବିରିଷ୍ଠ ଆଇନଜୀବି ଚିନ୍ମୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ପୌର ଉପାଧ୍ୟକ୍ଷା ପୁଷ୍ପପ୍ରୀୟା କାମିଲା ଯୋଗଦେଇ ଜଳେଶ୍ୱର ପୌର ପରିଷଦ ଦ୍ୱାରା ଜଳେଶ୍ୱର ସହରରେ ହୋଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ବକ୍ତବ୍ୟ ଦେବା ସହିତ ଆଗାମୀ ସମୟରେ ସହରର ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ପୌରାଧ୍ୟକ୍ଷ ଜଳେଶ୍ୱର ସହରର ଉନ୍ନତି ପାଇଁ ସହରବାସୀଙ୍କ ସହଭାଗିତା ଓ ସହଯୋଗ କାମନା କରିଥିଲେ । ସଭା ପ୍ରାରମ୍ଭରେ କାଉନସିଲର କବିତା ସାହୁ ଅତିଥି ମାନଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ପୌର ପରିଷଦର ବାର୍ଷିକ ବିବରଣୀ ପାଠ କରିବା ସହିତ ସହରବାସୀଙ୍କ ସହଯୋଗ ଦ୍ୱାରା ସହରର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରୀୟା କାମିଲା ଧ୍ୟନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୌର ପରିଷଦ ଦ୍ୱାରା ବିଭିନ୍ନ ବିଦ୍ୟାଳୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଚଳିତ ମ୍ୟାଟ୍ରିକ ପରୀକ୍ଷା ଓ ବିଶ୍ୱ ବିଦ୍ୟାଳୟ ପରିକ୍ଷାରେ ଟପ୍ପର ହୋଇଥିବା ଜଳେଶ୍ୱର ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ହସପିଟାଲ କର୍ମଚାରୀ ଶଶିକାନ୍ତ ଜେନାଙ୍କୁ ତାଙ୍କର ସେବା କାର୍ଯ୍ୟପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ଆଶୁ ଆରୋଗ୍ୟ କାମନା

ଭଦ୍ରକ : ଭଦ୍ରକର ବରିଷ୍ଠ ସାମ୍ବାଦିକ ଅମର ନାୟକ ଏବେ ହୃଦରୋଗରେ ପୀଡିତ ଥାଇ ଭୁବନେଶ୍ୱରସ୍ଥିତ କେୟାର ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହି ଖବର ପାଇବା ପରେ ଭଦ୍ରକର ବହୁ ସାମ୍ବାଦିକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ସାମ୍ବାଦିକ ଶ୍ରୀ ନାୟକ ଗତ ୩ ଦିନ ତଳେ ଅସ୍ଥଳ ସ୍ଥିତ ନିଜ ବାସଭବନରେ ଥାଇ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଡାକ୍ତରମାନେ ତାଙ୍କର ଗୁରୁତର ଅବସ୍ଥା ପାଇଁ କଟକ ରେଫର କରିଥିଲେ । ଫଳରେ ତାଙ୍କୁ ଭୁବନେଶ୍ୱରସ୍ଥିତ କେୟାର ହସ୍‌ପିଟାଲକୁ ନେବାପରେ ସେଠାରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଏବେ ଶ୍ରୀ ନାୟକ ସୁସ୍ଥ ଥିବା ନେଇ ପରିବାର ପକ୍ଷରୁ ତାଙ୍କର ଭାଇ କିଶୋର ନାୟକ ସୂଚନା ଦେଇଥିବାବେଳେ ଭଦ୍ରକର ସାମ୍ବାଦିକ ସର୍ବଶ୍ରୀ ନିହାର ଦାସ, ନନ୍ଦଦୁଲାଲ ଦାସ, ଭଜଗୋବିନ୍ଦ ଜେନା, ପ୍ରମୋଦ ରାୟ, ପ୍ରତାପ ଦାସ, ସ୍ମୃତିରଂଜନ ସାହୁ, ଡ. ହରିହର ନାୟକ, ନରେନ୍ଦ୍ର ସାମଲ, ଚାରୁଦତ୍ତ ନାୟକ, ତପନ ସ୍ୱାଇଁ, ତପନ ମିଶ୍ର, ପ୍ରିୟଦର୍ଶନ ବୋଇତି, ଉମାକଲ୍ୟାଣ ମହାପାତ୍ର, ଶଶିଭୂଷଣ ସ୍ୱାମୀ, ସତ୍ୟଭୂଷଣ ସ୍ୱାମୀ, ରବିନାରାୟଣ ଖିଲାର, ପାର୍ଥସାରଥୀ ନାୟକ, ଗୌରହରି ନାୟକ, ଜ୍ଞାନ ପ୍ରକାଶ ପାଣି, ଅତିଶ ବେହେରା, ସୌମ୍ୟରଂଜନ ପାଢୀ, ଜଗବନ୍ଧୁ ବେହେରା, ଅବିନାଶ ପଣ୍ଡା, ଶାନ୍ତନୁ ପଣ୍ଡା, ଅପୂର୍ବ ବେହେରା, ସିଗ୍ଧା ରାୟ, ଶୁଭେନ୍ଦୁ ଧଳ, ପ୍ରତାପ ପାଢୀ, ପ୍ରଦୀପ ରାଉତ, ସୁକାନ୍ତ ମହାନ୍ତି, ଭଗବାନ ରାଉଳ, ଦୁର୍ଗାଚରଣ ସାମଲ, ଅମ୍ଳାନ ପଣ୍ଡା, ତପନ ସାହୁ, ବିଦ୍ୟାଧର ସାହୁ, ନବ ସ୍ୱାଇଁ, ଶିବାନନ୍ଦ ଦାସ, ଅଜୟ ପଣ୍ଡା ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ସତରେ କଣ ରତ୍ନଭଣ୍ଡାର ଖୋଲିବ ନା ନାଟକବାଜି ଚାଲିବ !

ପୁରୀ : ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ଉଚ୍ଚନ୍ୟାୟାଳୟ ଆଦେଶ ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଭିତର ରତ୍ନଭଣ୍ଡାରରେ କ'ଣ କ'ଣ ରହିଛି ତା'ର ଚିଠା ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି । ଚାବି ଖୋଲିବାକୁ ନେଇ ୨୦୧୮ ମସିହାରେ ଏକ ନାଟକୀୟ ଭଙ୍ଗୀରେ ବାହାର ରତ୍ନଭଣ୍ଡାରରୁ ନଜର କରି ଫେରିଥିଲେ । ଅସଲି ଚାବି ମିଳିନଥିଲା । ପରେ ନକଲି ଚାବି ନଥିପତ୍ର ରହୁଥିବା ଜିଲ୍ଲା ରେକର୍ଡ଼ ରୁମରୁ ମିଳିଥିଲା ବୋଲି ସେତେବେଳର ଜିଲ୍ଲାପାଳ ଗଣମାଧ୍ୟମକୁ ସଫେଇ ଦେଇଥିଲେ । ପ୍ରତି ତିନି ବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଗୁଡ଼ିକର ଗଣତି ଓ ମଣତି କରାଯାଇ ହିସାବ ରଖିବା ପାଇଁ ନିୟମ ରହିଛି । ଜନସାଧାରଣ କହୁଛନ୍ତି ପ୍ରକୃତ ସତ୍ୟ ପର୍ଦ୍ଦାଫାସ୍ ହେବ ତ ? ରତ୍ନଭଣ୍ଡାର ନଖୋଲିବା ପାଇଁ ସାପର ସୁ ସୁ ଗର୍ଜନ, ବଡ଼ ବିକଟାଳ ଶବ୍ଦ



ଶୁଭିବା, ସମୁଦ୍ରକୁ ସୁଡ଼ଙ୍ଗ ରହିଛି, ବଡ଼ ଛାଇ ଭଳିଆ ଭୂତ ଦୃଶ୍ୟମାନ ହେଉଛି, ଶହ ଶହ ନାଗନାଗୁଣୀ ଖେଳୁଛନ୍ତି ବୋଲି ଏଭଳି ଅନେକ ଭୟଙ୍କର ତଥ୍ୟ ପ୍ରସାର ହେବା ପଛ ରହସ୍ୟ କ'ଣ ରହିଛି ତାକୁ ନେଇ ସହରରେ ଆଲୋଚନା ଯୋର ଧରିଛି । ଅତ୍ୟାଧୁନିକ ଯୁଗରେ ଖଣି ଅଂଚଳର ତିନିଶହ ଫୁଟ ତଳୁ ଦ୍ରବ୍ୟ ଅଣାଯାଇ ପାରୁଥିବାବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ପଶିବାକୁ ଏତେ ଭୟ କାହିଁକି ବୋଲି ଭକ୍ତ କହୁଛନ୍ତି । ରତ୍ନଭଣ୍ଡାର ଖୋଲିବା ନାମରେ ନାଟକ ବାଜି ଚାଲିବ ନାହିଁ ତ ? ଅସଲ ଚାବି ଏବେ କେଉଁଠି ? ଚାବି ଖୋଲିବ ନା କଟରରେ କଟା ହୋଇ ଭିତର ରତ୍ନଭଣ୍ଡାରକୁ ପ୍ରବେଶ କରିବେ ବୋଲି ଆଲୋଚନା ହେଉଛି । ଶ୍ରୀମନ୍ଦିର କାହାର ନିଜସ୍ୱ ଅନୁଷ୍ଠାନ ନୁହେଁ । ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗ ସହ ଶ୍ରୀମନ୍ଦିର ରତ୍ନଭଣ୍ଡାର ଜଡ଼ିତ ରହିଛି । ହାଇକୋର୍ଟ ଆମିକସକ୍ୟୁରୀଙ୍କୁ ସ୍ଥିତ ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରତ୍ନଭଣ୍ଡାରରେ ପ୍ରବେଶ ଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ଲାଇଭ ଟେଲିକାଷ୍ଟ କରିବା ପାଇଁ କେତେକ ଭକ୍ତ କହୁଛନ୍ତି । ନିଜ ପ୍ରଭୁଙ୍କ ରତ୍ନଭଣ୍ଡାରର ସ୍ଥିତି ଜାଣିବା ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କର ଅଧିକାର ରହିଛି । ସ୍ୱଚ୍ଛତା, ନିର୍ଭିକତା ଓ ଧାର୍ମିକ ଧାମ୍ଭିକତାର ପ୍ରମାଣ ଦେବା ପାଇଁ ସରକାର ଠୋସ୍ ଏହି କାର୍ଯ୍ୟକ୍ରମକୁ ହାତକୁ ନେବା ପାଇଁ ଭକ୍ତ ମହଲରେ ଦାବି ହେଉଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ଅକ୍ଟୋବର ୧୦ ତାରିଖ ସୁଦ୍ଧା ପ୍ରକୃତ ସ୍ଥିତି ଅନୁଧ୍ୟାନ ହେବ ନା ରାଜ୍ୟ ସରକାର ଅଧିକ ସମୟ ମାଗିବେ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଆମିକସକ୍ୟୁରୀଙ୍କୁ ଏଏସଆଇ, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ସହଯୋଗ କରିବେ ତ ? ପୂର୍ବରୁ ଏମାରମଠ ରୂପାଇଟା, ଗଣେଶ ଜୁଏଲାରୀର ସ୍ୱର୍ଣ୍ଣ ଅଳଙ୍କାର ଓ ପରେ ପୁଣି ଏମାରମଠର ରୂପା ମିଳିବା ରହସ୍ୟକୁ ଏବେ ବି ସହରବାସୀ ମନେ ରଖିଛନ୍ତି । ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ରତ୍ନଭଣ୍ଡାର ଖୋଲାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ରତ୍ନଭଣ୍ଡାର ଯୋଗୁ ସରକାରଙ୍କ ସ୍ଥିତି ଟଳମଳ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ ଏବେ ଠୁ ଆଲୋଚନା କଲେଣି ।

## ଭିନ୍ନକ୍ଷମମାନଙ୍କୁ ଅକ୍ଟୋବର ସୁଦ୍ଧା ଯୋଗାଇ ଦିଆଯିବ ୟୁଡିଆଇଡି ସାର୍ଟିଫିକେଟ୍

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ହୋଇଥିବା ଭିନ୍ନକ୍ଷମଙ୍କ ୟୁଡିଆଇଡି ସାର୍ଟିଫିକେଟ୍ ପରୀକ୍ଷଣ ଶିବିରରେ ୨୦୪୪ ଜଣ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେ । ଯୋଗ୍ୟତା ଭିତିରେ ସମସ୍ତଙ୍କୁ ଅକ୍ଟୋବର ମାସ ସୁଦ୍ଧା ୟୁଡିଆଇଡି ସାର୍ଟିଫିକେଟ୍ ଯୋଗାଇ ଦେବାକୁ ବିଭାଗୀୟ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସେପ୍ଟେମ୍ବର ଓ ଅକ୍ଟୋବର ମାସ ମଧ୍ୟରେ ସ୍ୱତନ୍ତ୍ର ଶିବିର କରି ସମସ୍ତ ଯୋଗ୍ୟ ଭିନ୍ନକ୍ଷମଙ୍କୁ ଏହି ୟୁଡିଆଇଡି ସାର୍ଟିଫିକେଟ୍ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଅସ୍ଥିଶଲ୍ୟ ଓ ମାନସିକ ଅନଗ୍ରସର ବିଭାଗର ବିଶେଷଜ୍ଞ ନଥିବାରୁ ଏହା ତ୍ୱରାନିତ୍ୱ ହୋଇପାରୁ ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ ଭିଡିଓ କନଫରେନ୍ସରେ ଅଂଶ ଗ୍ରହଣ କରି ବକ୍ତବ୍ୟରେ କହିଥିଲେ । ଭିସି ମାଧ୍ୟମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ମୁନିସିପାଲିଟି ପରିସରରେ ପୁଣି ୫ଦିନ ଧରି ଶିବିର ହେବ ବୋଲି ସୂଚନା ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ରୁପାଲୀ ପ୍ରିୟଦର୍ଶନୀ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ୧୦ ଜଣ ଚାଷୀଙ୍କୁ ସବଜି କୁଲର ବଣ୍ଟନ

କନ୍ଧମାଳ :ଆ ଟି ଡି ଏ ଫୁଲବାଣୀ ତରଫରୁ ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିପଡା ପଂଚାୟତର ସୁଜିପଡା ଗ୍ରାମର ଚାଷୀ ପ୍ରଶାନ୍ତ ପ୍ରଧାନଙ୍କୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସବଜି କୁଲର ବଣ୍ଟନକରିଥିଲେ । ତିନି ଗୋଟି ବ୍ଲକର ୧୦ ଜଣ ଚଷୀ ଙ୍କୁ ସବଜି କୁଲର ବଣ୍ଟନ କରାଯାଇଛି ଏହି କାର୍ଯ୍ୟକ୍ରମକୁ ଆଇ ଟି ଡି ଏ ର ନୂତନ ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର ଚାଷୀ ମାନଂକୁ ସବଜି କୁଲର ଆବଶ୍ୟକତା ଉପରେ ବୁଝାଇ ଥିଲେ । ଅନ୍ୟ ଅତିଥି ଭାବେ ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ ଶ୍ରୀଯୁକ୍ତ ମିହୀର ସାମନ୍ତରାୟ, ଖଜୁରୀପଡା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ମୋନାଲିଶା ପ୍ରଧାନ ଯୋଗ ଦେଇ ଥିଲେ. କର୍ଯ୍ୟକ୍ରମକୁ ଆଇ ଟି ଡି ଏ ର ପ୍ରକଳ୍ପ ପରିଚାଳକ ପି ମୁରଲୀ ମୋହନ । ଜୀବିକା ବେଶେଷଜ୍ଞ ବୈଦ୍ୟନାଥ ଖଟୁଆ । ବିଷୟ ବିଶାରଦ ଶୁଭଶ୍ରୀ ମହାନ୍ତି ପରିଚାଳନା କରିଥିଲେ ।

## ପେଟ୍ରୋ କେମିକାଲର ଇଆଇଏ ରିପୋର୍ଟ ଭ୍ରମାତ୍ମକ-ସମାଜସେବୀ କ୍ଷୀତୀଶ ସିଂହ

କେନ୍ଦ୍ରାପଡ଼ା : ପ୍ରସ୍ତାବିତ ପେଟ୍ରୋ କେମିକାଲ ଶିଳ୍ପ ପାରାଦ୍ୱୀପ ଠାରେ ସ୍ଥାପନା କରାଯିବ । ଏନେଇ ମହାକାଳପଡା ବାୟାବାବା କଲେଜ ଠାରେ ମଙ୍ଗଳବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ପେଟ୍ରୋ କେମିକାଲ ଶିଳ୍ପ ସ୍ଥାପନା ଦ୍ୱାରା ଏହାର ପାରିପାର୍ଶ୍ୱିକ ପ୍ରତିକ୍ରିୟା ସମ୍ବନ୍ଧରେ ଜନ ସାଧାରଣଙ୍କ ଆପତି ଅଭିଯୋଗ ଦର୍ଶାଇବା ପାଇଁ ଏହି ଅଭିଯୋଗ ଶୁଣାଣି ଶିବିରର ଆୟୋଜନ କରାଯାଇ ଥିଲା । କେନ୍ଦ୍ରାପଡା ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ଉଭୟର ମଧ ସ୍ଥଳରେ ଏହି ଶିଳ୍ପ ସ୍ଥାପନା ହେବାକୁ ଥିବାରୁ ଜଣାଶୁଣା ସମାଜ ସେବୀ କ୍ଷିତିଶ କୁମାର ସିଂହଏହି ଶିବିରରେ ଉପସ୍ଥିତ ହୋଇ ପରିବେଶ ପ୍ରଭାବର ଆକଳନ (ଇଆଇଏ) ରିପୋର୍ଟ ଭ୍ରମାତ୍ମକ ବୋଲି ଯୁକ୍ତି ଉପସ୍ଥାପନ କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ମାନଙ୍କୁ ପ୍ରତିବାଦ ପତ୍ର ଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲାର ବିସ୍ତୃତ ସମୁଦ୍ର କୂଳ ଅଂଚଳର ସୁରକ୍ଷା ହେନ୍ତାଳ ବନ ଦ୍ୱାରା ହେଉଥିବାରୁ ରିପୋର୍ଟରେ ସେ ସମ୍ବନ୍ଧରେ କିଛି ଉଲ୍ଲେଖ କରାଯାଇ ନାହିଁ । ସେହିଭଳି ଏହି ପେଟ୍ରୋ କେମିକାଲ ଶିଳ୍ପ ମହାନଦୀରୁ ଦୈନିକ ୬୨୦ ମିଲିୟନ ଲିଟର ମଧୁର ଜଳ ଉତୋଳନ କରି ବ୍ୟବହାର କରିବ । ଯାହାକି ମହାନଦୀର ଅବସ୍ଥାକୁ ଶୋଚନୀୟ କରିବା ସହ ଜଳଶକ୍ତି ମିଶନରେ ଚିହ୍ନଟ କରାଯାଇ ଥିବା କେନ୍ଦ୍ରାପଡାର ଭୂତଳ ଗଛିତ ମଧୁର ଜଳକୁ ବ୍ୟାପକ କ୍ଷତି ପହଁଚାଇବ । ଏହି ଶିଳ୍ପର ପ୍ରଭାବ ଭିତରକନିକା ଅଭୟାରଣ୍ୟ, ଗହିରମଥାରେ ରହୁଥିବା ଜଳଚର ପ୍ରାଣୀ, ଅଲିଭ ରିଡଲେ କଇଁଛଙ୍କ ଉପରେ ଓ ଅନ୍ୟାନ୍ୟ ଜଳଚର, ସ୍ଥଳଚର ପ୍ରାଣୀଙ୍କ ଉପରେ କି ପ୍ରଭାବ ପକାଇବ ସେ ସମ୍ବନ୍ଧରେ ଏହି ରିପୋର୍ଟରେ କୌଣସି ତର୍ଜମା କରାଯାଇ ନଥିବା ଏହି ଶିବିରରେ ଉପସ୍ଥାପନା କରିଥିଲେ । ଆଗାମୀ ଭବିଷ୍ୟତ ବଂଶଧର ଓ ପ୍ରାକୃତି କ ପରିବେଶର ସୁରକ୍ଷା ପାଇଁ ସଂପୂର୍ଣ୍ଣ ରିପୋର୍ଟ ଉପସ୍ଥାପନ କରିବାକୁ ଶ୍ରୀ ସିଂହ ଦାବି ଉପସ୍ଥାପନ କରିଥିଲେ ।

## ମହୁବିକ୍ରୀକୁ ନେଇ ହତ୍ୟା ମାମଲା ଦୋଷୀ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ

ଘସିପୁରା : ଏକ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଅଭିଯୁକ୍ତ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଶୋଷ ଥାନା ଅଧିନ ଦଲକି ଅଂଚଳର କିଛି ପରିବାର ମହୁ ବିକ୍ରୀକରି ଜୀବିକା ନିର୍ବାହ କରୁଥିବା ବେଳେ ଜିତୁ ଶବର ଓ ଆଜାଦ ଶବରଙ୍କ ପରିବାର ଛେନାପଦୀ ଆଶ୍ରମ ବିଦ୍ୟାଳୟ ନିକଟରେ ଡେରା ପକାଇ ରହୁଥିଲେ । ଗତ ୩-୧-୨୦୧୪ ରେ ଜିତୁ ଶବର ଓ ତାର କକା ଆଜାଦ୍ ଶବର ସିନେମା ଦେଖିବାକୁ ଆନନ୍ଦପୁର ଆସିଥିଲେ । ଆନନ୍ଦପୁରରେ ମହୁ ବିକିବାକୁ ଆସିଥିବା ନନ୍ଦିଆ ଶବର ଓ ଅର୍ଜୁନ ଶବରଙ୍କ ସହିତ ଦେଖା ହୋଇଥିଲା । ତା ପରେ ସେମାନେ ସମସ୍ତେ ମିଶି ମଦ ପିଇବାକୁ ଘଷିପୁରା ଯାଇଥିଲେ । ମହୁବିକ୍ରୀକୁ କେନ୍ଦ୍ରକରି ଆଜାଦ ଶବରର ନନ୍ଦିଆ ଶବର ଓ ଅର୍ଜୁନ ଶବର ସହିତ ଝମେଲା ହୋଇଥିଲା । ସେହିଦିନ ସନ୍ଧ୍ୟାରେ ନନ୍ଦିଆ ଓ ଅର୍ଜୁନ




ଦୁଇ ଭାଇ ମିଳିତ ଭାବେ ଘଷିପୁରା ସ୍ଥିତ ଡାକ୍ତରଖାନା ପଛପାର୍ଶ୍ୱ କଂଟାବୁଦା ଜଙ୍ଗଲ ମଧ୍ୟରେ ପୁତୁରା ଜିତୁ ଶବର ସମ୍ମୁଖରେ କକା ଆଜାଦ ଶବର ବେକରେ ଗାମୁଛା ଭିଡି ମାରିଦେଇଥିଲେ ।ପରିବାର ବର୍ଗ ବହୁ ଖୋଜାଖୋଜି ପରେ ଜିତୁ କଥାଶୁଣି ସବୁଜାଣିବା ପରେ ଘଷିପୁରା ଥାନାରେ ଅଭିଯୋଗ ଦାୟର କରିଥିଲେ । ଘଷିପୁରା ପୋଲିସ କେସ୍ ନମ୍ବର ୦୧/୨୦୧୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ । ଉକ୍ତ ଘଟଣା ଆଧାରରେ ଆନନ୍ଦପୁରର ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଜ୍ୟୋତି ରାଉତ କେସ୍ ନମ୍ବର ୬୭/୨୦୧୮ର ଭାରତୀୟ ଦଣ୍ଡ ବିଧି ଆଇନର ଧାରା ୩୦୨, ୩୪ ଅନୁଯାୟୀ ମାମଲାର ବିଚାର କରି ସାକ୍ଷ୍ୟପ୍ରମାଣ ଆଧାରରେ ଅଭିଯୁକ୍ତ ଦୁଇ ଭାଇ ନନ୍ଦିଆ ଶବର ଓ ଅର୍ଜୁନ ଶବରକୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହିତ ୨୫,୦୦୦ଟଙ୍କାର ଆର୍ଥିକ ଦଣ୍ଡ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସରକାରୀ ଆଇନଜୀବୀ ଅଶ୍ୱିନୀ ମଲ୍ଲିକ ଓ ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ସଞ୍ଜୟ ମିଶ୍ର ମାମଲା ପରିଚାଳନା କରୁଥିଲେ ।

## ଗାଡ଼ି ସହ ୮୫ଟି କାଠ ପଟା ଜବତ

ମାଲକାନଗିରି : ମାଲକାନଗିରି ଥାନା ଏସ.ଆଇ ଜି.ସାରକା ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ଏକ ପିକ୍‌ଅପ୍ ଭ୍ୟାନ ଓ ତିନୋଟି ବାଇକ ଦ୍ରୁତଗତିରେ ଏମଭି ୨୪ ରାସ୍ତାରେ ପଳାଉଥିଲା । ଏହା ଦେଖି ପୁଲିସ ଦଳ ଗୋଡ଼ାଇବାରୁ ଗାଡ଼ି ଛାଡି ଅଭିଯୁକ୍ତମାନେ ଜଙ୍ଗଲକୁ ଲୁଚି ପଳାଇଥିଲେ । ପୁଲିସ ଗାଡ଼ି ନିକଟରେ ପହଂଚି ଯାଂଚ୍ କରିବାରୁ ସେଥିରେ ୮୫ଟି ମୂଲ୍ୟବାନ କାଠପଟା ଥିବାର ଦେଖିଥିଲେ । ଗାଡ଼ି ଓ ପଟା ଜବତ କରାଯାଇଥିବା ଥାନା ଅଧିକାରୀ ରିଙ୍ଗନ କିଣ୍ଡୋ ସୂଚନା ଦେଇଛନ୍ତି ।

## ସମାଜସେବାର ଅନନ୍ୟ ସାରସ୍ୱତ ସାଧକ : ଇଂ.ବସନ୍ତ କୁମାର ରାଉତ


କଟକ : ଜୀବେଦୟା,ସେବା,ଦାନ,ଧର୍ମ,ମହତ୍ ପଣିଆ, ଉଚ୍ଚ ବିଚାରଧାରା ଆଦି ଭଲ ଗୁଣ ଗୁଡ଼ିକୁ ଦେଖିଲେ ମନରେ ସ୍ୱତଃ ମନରେ ଜାଗ୍ରତ ହୁଏ ସେହି ମହାପୁରୁଷ ମାନଙ୍କ ବାଣୀ ଆଉ ଏହି ଆଦର୍ଶରେ ଅନୁପ୍ରାଣିତ ଅନେକ ସାଧାକଙ୍କ ମଧ୍ୟରେ ଜଣେ ବରେଣ୍ୟ ସାଧକ,ଦରଦୀ ମଣିଷ ଯୁବ ସମାଜସେବୀ ଇଂ.ବସନ୍ତ କୁମାର ରାଉତ ଅନ୍ୟତମ । ପିତା ବଲ୍ଲଭ ଚରଣ ରାଉତ,ମାତା ସଂଯୁକ୍ତା ରାଉତଙ୍କ କୋଳମଣ୍ଡନ କରି ୧୯୮୧ ମସିହାରେ ଜନ୍ମ ନିୟନ୍ତି ଆଦର୍ଶ ଗ୍ରାମ ସୋଗଲ,କିଶନନଗର ଥାନା, ସାଲେପୁର ବ୍ଲକ କଟକ ଜିଲ୍ଲାରେ । ଛାତ୍ର ଜୀବନରୁ ସମାଜସେବା, ସଙ୍ଗଠନ ପ୍ରତି ଆଗ୍ରହ ଥିବା ଏହି ସାଧକ ସିଭିଲ୍ ଇଞ୍ଜିନିୟରିଙ୍ଗରେ ଶିକ୍ଷା ଲାଭାପରେ ରାଜ୍ୟରେ ଏବଂ ରାଜ୍ୟ ବାହାରେ ବହୁ ପ୍ରତିଷ୍ଠିତ କମ୍ପାନୀ ମାନଙ୍କରେ ଜଳଯୋଗାଣ(ପ୍ଲମ୍ବିଂ),ଅଗ୍ନି ନିର୍ବାପକ(ଫାୟାର ଫାଇଟିଙ୍ଗ) ବିଭାଗରେ କାର୍ଯ୍ୟକରି ନିଜର ଦକ୍ଷତା ପ୍ରତିପାଦନ କରିବାସହ ବହୁ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ କର୍ମସଂସ୍ଥାନ ଯୋଗାଇ ପାରିଛନ୍ତି । ସମାଜସେବୀ ବସନ୍ତଙ୍କ ବିଶେଷତ୍ୱ ହେଉଛି ସେବା ଆଉ ଉଦାରତା ଯଥା ନିଜ ଅଞ୍ଚଳର ଅବସ୍ଥାପିତ ବୋଇଲୋ ସ୍ୱପ୍ନେଶ୍ୱର ବାଳାଶ୍ରମରେ ନିୟମିତ ସେବାକାର୍ଯ୍ୟ ସହ ଅସହାୟ



ଲୋକମାନଙ୍କ ସ୍ୱୋ ପ୍ରଦାନ,ଖାଦ୍ୟ ଯୋଗାଇବା,ରୋଗୀ ସ୍ୱୋ,ଚିକିତ୍ସାଳୟ ମାନଙ୍କୁ ସଫା କରିବା,ଜରାଶ୍ରମରେ କମ୍ବଳ ବଣ୍ଟନ,କରୋନା ମହାମାରୀ ସମୟରେ ନିରବିଚ୍ଛନ୍ନ ସ୍ୱୋ,ବିଶୋଧନ କାର୍ଯ୍ୟକ୍ରମ,ନୋଜମାସ୍କ ବଣ୍ଟନ, ରକ୍ତଦାନ ଶିବିର ଆୟୋଜନ, ଗ୍ରାମାଞ୍ଚଳରେ କୃଷିର ବିକାଶ,ଧାର୍ମିକ ତଥା ସଂକୃତିକ ଅନୁଷ୍ଠାନ ମାନଙ୍କୁ ସହଯୋଗ,ଭାଗବତ ଟୁଙ୍ଗୀର ବିକାଶ ଆଦି ଅନେକ ସେବା କାର୍ଯ୍ୟକରି ସମଗ୍ର ରାଜ୍ୟରେ ଓ ରାଜ୍ୟ ବାହାରେ ବିଭିନ୍ନ ସଂଗଠନ ଦ୍ୱାରା ସମ୍ମାନିତ । ଅନନ୍ୟ କୃତିତ୍ୱର ସ୍ୱୀକୃତି ସ୍ୱରୂପ ମୁହାଁଣ ସାହିତ୍ୟ ସଂସଦ ମୁମ୍ବାଇ,ସରସ୍ୱତୀ କଳା ପରିଷଦ କନ୍ଦରପୁର, କିଶନନଗର ଶିଶୁ ମଙ୍ଗଳ କ୍ଲବ,ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶମୌଜା,ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଓଡିଶା, ଉତ୍କଳ ବିକାଶ ପରିଷଦ କଟକ ସଦର, ସ୍ୱର୍ଗତ ବସନ୍ତ ଜେନା ସ୍ମୃତି ସଂସଦ ଦାମୋଦରପୁର ଆଦି ବହୁ ସଂଗଠନ ଦ୍ୱାର ସମ୍ମାନୀତ । ତାଙ୍କ ଜୀବନର ସେବାକାର୍ଯ୍ୟ ଆଉ ମଣିଷ ପାଣିଆର ଉଦାହରଣ ସ୍ୱରୂପ ଏକଦା ସେ କାର ଚଳାଇବାରେ ଯଦିଓ ସିଦ୍ଧହସ୍ତ ନଥିଲେ କିନ୍ତୁ ହଠାତ୍ ନିଜ ଗ୍ରାମର ଏକ ବ୍ୟକ୍ତ ବିଶେଷଙ୍କ ଶରୀର ଅସୁସ୍ଥତା ନେଇ ତାଙ୍କୁ ବିଳମ୍ବିତ ରାତ୍ରୀରେ ସାଲେପୁର ସ୍ୱାସ୍ଥ୍ୟକେନ୍ଦ୍ର ଆଣି କାର ମାଧ୍ୟମରେ ପହଞ୍ଚାଇ ଚିକିତ୍ସା କରାଇ ନିଜର ସାହସିକତା ଆଉ ଶ୍ରେଷ୍ଠ ମାନବିକତାର ପରିଚୟ ଦେଇଛନ୍ତି । କଳା, ସାହିତ୍ୟ, ସଂକୃତିକୁ ଭଲ ପାଉଥିବା ଏହି ମଣିଷ ଜଣକ ନିଜ ଗ୍ରାମରେ ଶିକ୍ଷିତ ଯୁବପିଢ଼ି ମାନଙ୍କୁ ନେଇ ମା ମଙ୍ଗଳା କମିଟି ସୋଗଲ ଏବଂ ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ହୋଇ ବୃକ୍ଷରୋପଣ,ଗାଁ ପରିବେଶକୁ ସଫା ରଖିବା,ଗ୍ରାମ ମଠ,ମନ୍ଦିରର ପୁନରୁଦ୍ଧାର କରି ନିଜ ଅଞ୍ଚଳରେ ସମସ୍ତଙ୍କର ପ୍ରିୟ ଭାଜନ ହେବାସହ ଯୁବପିଢୀ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ବିଶିଷ୍ଟ ଗବେଷକ, ସମାଜ ସଂସ୍କାରକ ବସନ୍ତଙ୍କ ଚଳାପଥ କୁସୁମିତ ହେଉ ତାଙ୍କ ବିଶାଳ ଜ୍ଞାନ ସମୁଦ୍ର ସମସ୍ତଙ୍କ ପାଇଁ ଆଲୋକବର୍ତିକା ସଦୃଶ ହେଉଏତିକି ପାର୍ଥନା ।

## ଧୁମଧାମରେ ପାଳନ ହେଲା ଗଣେଶ ଚତୁର୍ଥୀ

ସାରସକଣା : ଆଜି ପବିତ୍ର ଗଣେଶ ଚତୁର୍ଥୀ । ପାର୍ବଣର ଆରମ୍ଭ ସହ ଧରାବତରଣ କରିଛନ୍ତି ବିଘ୍ନରାଜ ବିନାୟକ । ବିଘ୍ନରାଜଙ୍କ ଆବାହନ ପାଇଁ ଚଳଚଂଚଳ ଗାଁଠୁ ସହର । ଶିକ୍ଷାନୁଷ୍ଠାନ ଠାରୁ ମନ୍ଦିର ସବୁଠି ଆଧାତ୍ମିକ ପରିବେଶ ଦେଖିବାକୁ ମିଳିଛି । ୨ବର୍ଷର କରୋନା କଟକଣା ପରେ ଭକ୍ତଙ୍କୁ ଦର୍ଶନ ଦେଲେ ଗଜାନନ । ସେଥିପାଇଁ ବିଭିନ୍ନ ପୂଜା ମଣ୍ଡପରେ ଆଗୁଆ ପ୍ରସ୍ତୁତି ସାରିଥିବା ବେଳେ କରୋନା କଟକଣା ହଟିବା ପରେ ମନ୍ଦିର ସମେତ ପେଣ୍ଡାଲରେ ପୂଜା ପାଉଛନ୍ତି ଗଜାନନ । ଦୁଇ ବର୍ଷ ପରେ ମହାଆଡ଼ମ୍ବରରେ ପାଳନ ହେଉଛି ଗଣେଶ ପୂଜା । ବିରାଜି ଛନ୍ତି ସିଦ୍ଧି ଓ ବୁଦ୍ଧିର ଦେବତା । ଅଗ୍ରପୂଜ୍ୟଙ୍କୁ ଆବାହନ ପାଇଁ ମୟୁରଭଞ୍ଜ ଜିଲ୍ଲା ସାରସକଣା ମନୋହରପୁର ଗ୍ରାମର ନିଉ ଜେନେରେଶନ କ୍ଲବ ମହାଆଡ଼ମ୍ବରରେ ପାଳନ କରିଛନ୍ତି ପିଲାମାନେ । ସେହିପରି ,ବମ୍ଭେଛକ ,ବାଙ୍ଗିରିପୋଷୀ, ବିଶୋଇ, କୁଳିଅଣାରେ ମଧ ବିଭିନ୍ନ ପୂଜା ମଣ୍ଡପରେ ଧୁମଧାମରେ ପାଳିତ ହେଉଥିବା ଦେଖିବାକୁ ମିଳିଛି । ସହରର ବିଭିନ୍ନ ଗଳିକନ୍ଦିରେ ପାର୍ବତୀନନ୍ଦନ ରଙ୍ଗିନ୍ ଆଲୋକମାଳାରେ ସୁସଜ୍ଜିତ ତୋରଣ ଫୁଲ, ଫଳ ଠାରୁ ଆରମ୍ଭ କରି ମୂର୍ତ୍ତି ଦୋକାନ ବଜାରର ଶୋଭା



ବଢ଼ାଉଛି । ଏଥିପାଇଁ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, କ୍ଲବ୍ ସବୁ ଉତ୍ସବମୁଖର । ମୂର୍ତ୍ତିଠୁ ତୋରଣ ପର୍ଯ୍ୟନ୍ତ ସବୁଥିରେ ଝଲସି ଉଠୁଛି ନିଆରାପଣ ।ଚଳିତବର୍ଷ ବିନା କଟକଣାରେ ଗଣେଶ ପୂଜା ପାଳିତ ହେବାକୁ ଯାଉଥିବାରୁ ସବୁଠି ଉତ୍ସାହ ଓ ଉତ୍କଣ୍ଠା । ଆଜି ବଜାର ଓ ପୂଜା ମଣ୍ଡପ ଥିଲା ଚଳଚଞ୍ଚଳ । ବ୍ୟବସାୟୀଙ୍କୁ ଫୁର୍ରସତ ନଥିଲା କି ପୂଜା ମଣ୍ଡପର କର୍ମକର୍ତାଙ୍କୁ ଡ଼ର ନଥିଲା । କିଣାକିଣି ପାଇଁ ଜନପଥ ସମେତ ସହରର ପ୍ରମୁଖ ବଜାରଗୁଡ଼ିକରେ ଖଚାଖଚ୍ ଭିଡ଼ ଦେଖିବାକୁ ମିଳିଥିଲା । ବିଘ୍ନ ବିନାଶକଙ୍କ ଆବାହନ ପାଇଁ ଧୂପ, ଦୀପ, ଅଗରୁ, ଚନ୍ଦନ, ସିନ୍ଦୂରଠାରୁ ଆରମ୍ଭ କରି ସରା, ଘଡ଼ି, ଧାନ, ପଞ୍ଚଶସ୍ୟ, ରାଶି ଓ ହୋମକାଠ ଏସବୁ ସଂଗ୍ରହରେ ଲାଗି ପଡ଼ିଥିଲେ ଭକ୍ତକୂଳ । ଏପରିକି କଦଳୀ ବାହୁଙ୍ଗି, ଆମ୍ବ ଡାଳ, ଦୁବ, ବରକୋଳି ପତ୍ର ଓ କଇଁଫୁଲର ପସରା ଦେଖିବାକୁ ମିଳିଥିଲା । ଏସବୁର ଦାମ୍ ୫ ଟଙ୍କା ଲେଖାଏ ରହିଥିବା ବେଳେ ପୁଡ଼ିଆ କରି କେହି କେହି ବିକୁଥିବା ଦେଖିବାକୁ ମିଳିଥିଲା । ତେବେ ନିଉ ଜେନେରେସନ କ୍ଲବ ର ମେମ୍ବର ପ୍ରଶାନ୍ତ ମହାନ୍ତ, ରାଜେଶ ସାହୁ, ଇନ୍ଦ୍ରଜିତ ସିଂ, ସପତ କୁମାର ସାହୁ,ଶାଲ ମୁଣ୍ଡା, ବାସୁଦେବ ସେଠୀ, ସଞ୍ଜୟ ସାହୁ,ଶିବ ମାଲ,ଜଗତ ବଲ୍ଲଭ,ତ୍ରିଲୋଚନ ମହାନ୍ତ,ଉତ୍ତମ, ସାଗର,ବାବୁ,ଲିଟୁ, ଲିଟୁ, ଟୁରା, ରାହୁଲ, ସୁଯଲ, ବାବୁ ମାନେ କହିଛନ୍ତି ଆଗକୁ ଆହୁରି ଧୁମଧାମରେ ପୂଜା କରିବେ ବୋଲି କହିଛନ୍ତି ।

## ସଂପାଦକୀୟ

# ପୁଟିନ୍‌ଙ୍କ ଚରମ ଚେତାବନୀ

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୧୨ଦିନ ଧରି ଚାଲିଥିବା ଭୟଙ୍କର ଯୁଦ୍ଧର କୁପରିଣତି ସାରା ବିଶ୍ୱକୁ ଭୋଗିବାକୁ ପଡୁଛି । ଏହି ଯୁଦ୍ଧରେ ୟୁକ୍ରେନ୍ ପ୍ରାୟତଃ ଧ୍ୱସସ୍ତୂପରେ ପରିଣତ ହୋଇଥିବାବେଳେ ରୁଷକୁ ମଧ୍ୟ କମ୍ କ୍ଷତି ସହିବାକୁ ପଡୁନାହିଁ । ଉଭୟ ଦେଶ ନିଜ ନିଜର ଜିଦ୍‌ରେ ଅଟଳରହି ପ୍ରଚଣ୍ଡ ଯୁଦ୍ଧରେ ବ୍ୟାପୃତ ରହିଛନ୍ତି । ତେବେ ଯୁଦ୍ଧର ଦ୍ୱାଦଶ ଦିବସ ଅର୍ଥାତ୍ ସୋମବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କିଛିଟା ନରମ ମନୋଭାବ ପୋଷଣକରି ରାଜଧାନୀ କିଭ୍, କାରକିଭ୍ ସମେତ ୟୁକ୍ରେନର ୪ଟି ସହରରେ ନିଜଆଡୁ କିଛି ଘଣ୍ଟା ପାଇଁ ଅସ୍ତ୍ରବିରତି ପାଳନ କରିଛନ୍ତି । ବିଦେଶୀ ଛାତ୍ର ଓ ନାଗରିକମାନେ ଯେପରି ନିରାପଦରେ ସହର ଛାଡ଼ି ଯାଇପାରିବେ ସେଥିପ୍ରତି ରୁଷ ଯୁଦ୍ଧ ବନ୍ଦ କରିବାକୁ ଏଭଳି ଅସ୍ଥାୟୀ ପଦକ୍ଷେପ ନେଇଛି । ରୁଷ ଓ ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା କ୍ଷେତ୍ରରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାର ଉପଲବ୍ଧି କରି ୟୁକ୍ରେନ ପକ୍ଷରୁ ଭାରତକୁ ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ଆରମ୍ଭ କରାଯାଇଥିଲା । ତଦନୁଯାୟୀ ପ୍ରଧାନମନ୍ତ୍ରୀ ମୋଦି ଉଭୟ ରୁଷ ରାଷ୍ଟ୍ରପତି ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି । ୟୁକ୍ରେନ୍‌ର ଗୋଟିଏ ପରେ ଗୋଟିଏ ସହର ରୁଷ୍‌ର ଆଖିବୁଜା ବୋମା ବର୍ଷଣରେ ମାଟିରେ ମିଶିଯାଉଥିବାବେଳେ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜେ ଅସହାୟ ଅନୁଭବ କରୁଥିବାର ଖବର ପ୍ରଚାରିତ ହୋଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଟେଲିଫୋନକରି ସେ ତୁରନ୍ତ ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇଦେବାକୁ ଆକୁଳ ନିବେଦନ କରିଛନ୍ତି । ୟୁକ୍ରେନ୍ ମହାସଂକଟରୁ ରକ୍ଷା କରିବା ଲାଗି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରମାନେ ଆଗକୁ ନଆସିଲେ ଦେଶ ଧ୍ୱଂସ ପାଇଯିବ ବୋଲି ସେ ଉଲ୍ଲେଖ କରିଛନ୍ତି । ଆମେରିକା ଓ ୟୁରୋପର ବହୁ ଦେଶ ଏବେ ରୁଷ ବିରୋଧରେ କଠୋର ଆର୍ଥିକ କଟକଣା ଜାରି କରି ଏହାର ଅର୍ଥନୀତିକୁ ଧ୍ୱଂସ କରିବାକୁ ପଦକ୍ଷେପ ନେଇଛନ୍ତି । ଏହା ସତ୍ତ୍ୱେ ପରାକ୍ରମଶାଳୀ ରୁଷ୍‌ର ବିଶେଷ କୌଣସି କ୍ଷତି ଘଟିନାହିଁ ଏବଂ ଏହା ଅଧିକ ହିଂସ୍ର ହୋଇ ୟୁକ୍ରେନ ଉପରେ ଆକ୍ରମଣକୁ ଶାଣିତ କରିଛି । ଯେପରି ମନେହେଉଛି ରୁଷ - ୟୁକ୍ରେନ୍ ଯୁଦ୍ଧ କ୍ରମଶଃ ଏକ ନିର୍ଣ୍ଣାୟକ ମୋଡ଼ ନେଉଛି ଏବଂ ଅନ୍ୟ କୌଣସି ବାହ୍ୟ ଶକ୍ତି ପ୍ରତ୍ୟକ୍ଷ ଭାବରେ ଏଥିରେ ସାମିଲ ନହେଲେ ରୁଷ ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ଦଖଲ କରି ନେବାର ସମ୍ଭାବନା ରହିଛି । ସମ୍ଭବତଃ ୟୁକ୍ରେନ ରାଷ୍ଟ୍ରପତି ଯୁଦ୍ଧର ଚରମ ପରିଣତି କ'ଣ ହେବ ତାହା ଜାଣିସାରିଛନ୍ତି ଏବଂ ବାଇଡେନ୍‌ଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ ସମୟରେ ଏହା ମୋର ଶେଷ ବାର୍ତ୍ତା ହୋଇପାରେ ବୋଲି ମନ୍ତବ୍ୟ ଦେଇଛନ୍ତି । ଦେଶର ବିଭିନ୍ନ ସହରରେ ବର୍ତ୍ତମାନ ବିଦ୍ୟୁତ୍ ଓ ଗ୍ୟାସ୍ ଯୋଗାଣ ବନ୍ଦ ହେବାଯୋଗୁଁ ଜନସାଧାରଣ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷରୁ ଅଧିକ ଲୋକ ଦେଶ ଛାଡ଼ି ଚାଲିଗଲେଣି ଏବଂ ପ୍ରତିଦିନ ଅଧିକରୁ ଅଧିକ ଲୋକ ଦେଶ ଛାଡୁଛନ୍ତି । ରୁଷ ରାଷ୍ଟ୍ରପତି ପୁଟିନ କିଛିଦିନ ପୂର୍ବେ ୟୁକ୍ରେନ ଦଖଲ କରିବା ତାଙ୍କର ଅଭିପ୍ରାୟ ନୁହେଁ, କେବଳ ସରକାର ପରିବର୍ତ୍ତନ ଚାହାନ୍ତି ବୋଲି ସ୍ପଷ୍ଟ କରିଥିଲେ । ମାତ୍ର ଏବେ ନିଜର ଆଭିମୁଖ୍ୟକୁ ଅଧିକ କଠୋର କରିଥିବାର ଲକ୍ଷ୍ୟ କରାଯାଉଛି । ସର୍ତ୍ତ ନମାନିଲେ ୟୁକ୍ରେନ୍‌କୁ ମାନଚିତ୍ରରୁ ନିଶ୍ଚିହ୍ନ କରିଦିଆଯିବ ବୋଲି ସେ ଚରମ ଚେତାବନୀ ଶୁଣାଇଛନ୍ତି । ଏଭଳି ବିପଜ୍ଜନକ ସ୍ଥିତିରେ ସ୍ଥାୟୀ ଅସ୍ତ୍ରବିରତି ମାଧ୍ୟମରେ ଏହି ରକ୍ତାକ୍ତ ଯୁଦ୍ଧର ପରିସମାପ୍ତି ଘଟିବାକୁ ଭାରତର ପ୍ରଚେଷ୍ଟା ଫଳବତୀ ହେଉ, ଏହାହିଁ କାମ୍ୟ ।

# ମଧ୍ୟପ୍ରାଚ୍ୟରେ ଭାରତ

ବଦଳୁଥିବା ପୃଥିବୀର ସମୀକରଣ ଭିତରେ ବିଦେଶନୀତିକୁ ସକ୍ରୀୟକରି ବାଣିଜ୍ୟିକ ଲକ୍ଷ୍ୟ ହାସଲ ଲାଗି ସବୁଦେଶ ଆଜି ପୃଥିବୀରେ କାର୍ଯ୍ୟ କରୁଛନ୍ତି । ଭାରତ ମଧ୍ୟ ଠିକ୍ ସେମିତି ପାଞ୍ଚ ଟ୍ରିଲିଅନ୍ ଡଲାରର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ନିକଟରେ ବନ୍ଧୁରାଷ୍ଟ୍ରଗୁଡିକୁ ନିଜ ସହ ଅଧିକ ଯୋଡିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଯୋଜନା ନେଇ କାର୍ଯ୍ୟ କରୁଛି । ଗତ ଦିନମାନଙ୍କରେ ମଧ୍ୟପ୍ରାଚ୍ୟରେ ନିଜ ବାଣିଜ୍ୟିକ ସ୍ଥିତିକୁ ସୁଧାରିବା ପାଇଁ ଭାରତ କେତେକ ଭଲ ପଦକ୍ଷେପ ନେଇଛି । ସେଥିରୁ ଗୋଟିଏ ହେଲା ବ୍ୟାପକ ଅର୍ଥନୀତିକ ସହଯୋଗୀ ବୁଝାମଣା ନେଇ ୟୁନାଇଟେଡ ଆରବ ଅମିରାତ (ଏମିରେଟ) ସହ ବୁଝାମଣା ସରିଛି । ଏହା ଗୋଟିଏ ମାସ ଭିତରେ କାର୍ଯ୍ୟକରିବ । ନିକଟରେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ପିୟୂଷ ଗୋୟଲ ଏବଂ ଅମିରାତର ଆର୍ଥିକ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ ଅଲ-ମାରୀଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ଆଲୋଚନା ହୋଇଥିଲା । ଭାରତର ମର୍ଚ୍ଚାଣ୍ଟ ଚାମ୍ବର୍ସ ଅଫ୍ କମର୍ସଠାରେ ଭାଷଣ ଦେଇ ଅମିରାତର ରାଷ୍ଟ୍ରଦୂତ ଅହମ୍ମଦ ଅବଦୁଲ ରହମନ ଅଲବାନା କହିଛନ୍ତି ଯେ ୧୯୮୦ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୫ ମିଲିଅନ ଡଲାର ଥିଲାବେଳେ ୨୦୨୧ରେ ତାହା ୪୫ ବିଲିଅନରେ ପହଞ୍ଚିଛି । ଆଗାମୀ ଦିନରେ ଏହା ୧୦୦ ବିଲିଅନକୁ ନେବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ୧୦ଲକ୍ଷ ରୋଜଗାର ସୃଷ୍ଟି ହେବାସହ ଦ୍ୱିପାକ୍ଷିକ ସଂପର୍କ ମଜଭୁତ ହେବ ବୋଲି କୁହାଯାଇଛି । ୧୮ ଫେବୃଆରୀ ୨୦୨୨ ଦିନ ହୋଇଥିବା ଏହି ବୁଝାମଣା ୧ ଜୁନଠାରୁ କାର୍ଯ୍ୟକାରୀ ହେବ । ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରେ ଏହା କୌଣସି ଦେଶ ସହ ପ୍ରଥମ ମୁକ୍ତ ବାଣିଜ୍ୟ ବୁଝାମଣା । ଏମିତି ବୁଝାମଣା ମାଲେସିଆ ସହ ୨୦୧୧ରେ ହୋଇଥିଲା । ଏହି ବୁଝାମଣା କାର୍ଯ୍ୟକାରୀ ହେଲେ ଭାରତର ଅଧିକ ଲାଭ ହେବ । କାରଣ ଅମିରାତରେ ପାଖାପାଖି ୩୫ଲକ୍ଷ ଭାରତୀୟ ଏବେ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କ ପାଇଁ ଭାରତରେ ପ୍ରସ୍ତୁତ ସାମଗ୍ରୀମାନ ଏମିରେଟର ସବୁ ମଲ୍‌ରେ ବିକ୍ରି ହେବାର ସୁବିଧା ମିଳିବ । ଭାରତ ଆଗାମୀ ଦିନରେ ବ୍ରିଟେନ, ଇଉରୋପୀୟ ସଂଘ, ଅଷ୍ଟ୍ରେଲିଆ, କାନାଡା, ଇସ୍ରାଏଲ ସମେତ ଗଲଫ୍ କୋ ଅପରେସନ କାଉନସିଲ ଅନ୍ତର୍ଗତ (ଜିସିସି) ରାଷ୍ଟ୍ରଗୁଡିକ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଲକ୍ଷ୍ୟ ରଖିଛି । ଏହି ବୁଝାମଣାରେ ଭାରତ ନିଜର ସ୍ୱାର୍ଥ ଦୃଷ୍ଟିରୁ ଅନେକ କୃଷିଜାତ ସାମଗ୍ରୀକୁ ବାହାରେ ରଖିଛି । ଦୁଗ୍ଧଜାତ ଦ୍ରବ୍ୟ, ଚାହା,କଫି, ରବର, ମସଲା, ଚିନି, ସିଗାରେଟ ଆଦିକୁ ତାଲିକାରୁ ବାହାରେ ରଖିଛି । ମଧ୍ୟପ୍ରାଚ୍ୟରେ ସାଉଦି ଆରବ, କୁଏତ, ବାହାରିନ୍, ଓମାନ ଜିସିସିର ସଦସ୍ୟ ରାଷ୍ଟ୍ର ରହିଛନ୍ତି । ଏହିସବୁ ଦେଶଗୁଡିକ ସହ ଏମିରେଟର ସଂପର୍କ ଭଲ । ଦୁବାଇ ଏହିସବୁ ରାଷ୍ଟ୍ର ଏବଂ ଆଫ୍ରିକାର ଅନେକ ଦେଶପାଇଁ ବଡ ବଜାର ହୋଇରହିଛି । ଏମିରେଟ ବଜାର ମାଧ୍ୟମରେ ଭାରତର ବସ୍ତୁ ଅନେକ ଦେଶକୁ ଯିବାର ସୁବିଧା ପାଇବ । ଦୁବାଇଠାରେ ଆଇଆଇଟିର ଏକ ଶାଖା ଖୋଲାଯିବା ଲାଗି ସ୍ଥିର ହୋଇଛି । ପ୍ରଥମଥର ଲାଗି ଭାରତର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଶାଖା ବିଦେଶରେ ଖୋଲାଗଲେ ମଧ୍ୟପ୍ରାଚ୍ୟର ଛାତ୍ରଛାତ୍ରୀ ତାର ସୁଯୋଗ ନେଇପାରିବେ । ଭାରତରେ ଆଇଆଇଟିର ୨୩ଟି ଶାଖା ରହିଛି । ଦୁବାଇଶାଖା ୨୪ତମ ଏବଂ ଆନ୍ତର୍ଜାତିକ ଶାଖା ହେବ । ଏହାବାଦ ପ୍ରତିବର୍ଷ ମଧ୍ୟପ୍ରାଚ୍ୟରୁ ଭାରତକୁ ଚୋରାରେ ସୁନା ଏବଂ ଗହଣା ଆସୁଛି । ଦୁଇ ଦେଶ ମଧ୍ୟରେ ବୁଝାମଣା ପରେ ସୁନା ଚୋରା କାରାବାର କମ୍ ହେବ । ଦୁବାଇଠାରେ ଶସ୍ତାରେ ସୁନା ମିଳୁଥିବା ହେତୁ ଅନେକ ପର୍ଯ୍ୟଟକ ଦୁବାଇରୁ ସୁନା କିଣିବାକୁ ପସନ୍ଦ କରୁଥିଲେ । ଏମିରେଟ୍ (ଅମିରାତ) କର୍ତ୍ତୃପକ୍ଷ ନିଜର ତୈଳ ଆଧାରିତ ଅର୍ଥନୀତିକୁ କେନ୍ଦ୍ରରେ ନରଖି ଏବେ ଅଣତୈଳ ବାଣିଜ୍ୟ ଉପରେ ଜୋର ଦେବାରେ ଲାଗିଛନ୍ତି । ଆଗାମୀ ବର୍ଷଗୁଡିକରେ ଶକ୍ତିସ୍ରୋତକୁ ପ୍ରଦୂଷଣରୁ ମୁକ୍ତ କରିବାକୁ ଲକ୍ଷ୍ୟଥିବାରୁ ତୈଳର ବ୍ୟବହାର ପ୍ରତିବର୍ଷ ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏବେଠାରୁ ନିଜର ଅର୍ଥନୀତି, ବାଣିଜ୍ୟ ଆଦିକୁ ସଜାଡିବା ଲାଗି ଅମିରାତ ପ୍ରୟାସ କରୁଛି । ମଧ୍ୟପ୍ରାଚ୍ୟର ଅନ୍ୟତମ ପ୍ରମୁଖ ରାଷ୍ଟ୍ର ସାଉଦି ଆରବର ସ୍ଥଳସେନା ପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ ଅଲ୍‌ମୁତାହିର ଫେବୃଆରୀ ମାସରେ ଭାରତ ଗସ୍ତରେ ଆସିଥିଲେ । ଗତ ଡିସେମ୍ବର ମାସରେ ଭାରତୀୟ ସ୍ଥଳସେନା ପ୍ରମୁଖ ଜେନେରାଲ ନରବଣେ ସାଉଦି ଗସ୍ତରେ ଯାଇଥିଲେ । ଗତ ୨୦୨୧ ଅଗଷ୍ଟ ମାସରେ ଦୁଇଦେଶ ମଧ୍ୟରେ ପ୍ରଥମ ନୌସେନା ସମରାଭ୍ୟାସ ହୋଇଥିଲା । ସାଉଦି ସ୍ଥଳସେନା ମୁଖ୍ୟଙ୍କ ଭାରତ ଗସ୍ତକାଳରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଉତ୍ପାଦନରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ନେଇ ଆଲୋଚନା ହୋଇଥିଲା । ମଧ୍ୟ ପ୍ରାଚ୍ୟରେ ଆମେରିକାର ଭୂମିକା ସଂକୁଚିତ ହୋଇ ଆସୁଥିବା ବେଳେ ସେହି ସ୍ଥାନ ପୂରଣ କରିବାକୁ ଚୀନ ଜୋରସୋର ଉଦ୍ୟମ ଚଳାଇଛି । ମଧ୍ୟପ୍ରାଚ୍ୟର ସବୁବେଳେ

**ସୌମେନ୍ଦ୍ର ଜେନା**

ଆଶଙ୍କା ବଳବତ୍ତର ରହୁଥିବାରୁ ସାଉଦି ଆରବ ନିଜର ସୁରକ୍ଷାକୁ ମଜଭୁତ କରିବାକୁ ଚାହୁଁଛି । ସେହି ଯୋଜନାରେ ପୂର୍ବରୁ ପ୍ରଶିକ୍ଷଣ ଓ ସୁରକ୍ଷା ପାଇଁ ସାଉଦି ଆରବରେ ଥିବା ପାକିସ୍ଥାନର ପ୍ରାୟ ୧୮ ଶହ ଯବାନଙ୍କୁ ଫେରାଇ ଦିଆଯାଇଛି । ଏବେ ଭାରତୀୟ ସେନା ସେହି ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି । ମଧ୍ୟ ପ୍ରାଚ୍ୟରେ ଆଞ୍ଚଳିକ ସୁରକ୍ଷା ପାଇଁ ଭାରତ ଅଧିକ ଚିନ୍ତିତ । କାରଣ ଏହି କ୍ଷେତ୍ରରେ ସର୍ବାଧିକ ପ୍ରବାସୀ ଭାରତୀୟ କାର୍ଯ୍ୟରତ । କୌଣସି ପ୍ରକାର ଅସ୍ଥିରତା ଏଠାରେ ସୃଷ୍ଟିହେଲେ ତାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡିବ । କାରଣ ସାଉଦି ଆରବ, ଅମିରାତ, ବାହାରିନ, କାତାର ଆଦି ରାଷ୍ଟ୍ରରେ ଭାରତୀୟମାନେ ପ୍ରାୟତଃ ସବୁ ପ୍ରମୁଖ ବ୍ୟବସ୍ଥାର ଦାୟିତ୍ୱରେ ରହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପ୍ରଶାସନ, ବ୍ୟାଙ୍କିଂ ଆଦି ଅନେକ କ୍ଷେତ୍ରରେ ଭାରତୀୟଙ୍କ ଭାଗିଦାରୀ ଅନ୍ୟମାନଙ୍କଠାରୁ ଅଧିକ । ଆମେରିକା-ଇରାନ ଦ୍ୱନ୍ଦ୍ୱ ଯୋଗୁ ୨୦୨୧ରେ ଭାରତ ପକ୍ଷରୁ ଭାରତୀୟ ବାଣିଜ୍ୟିକ ପରିବହନର ସାମୁଦ୍ରିକ ସୁରକ୍ଷା ପାଇଁ ଅପରେସନ ସଂକଳ୍ପ ନାମରେ ନୌସେନା ପକ୍ଷରୁ ସୁରକ୍ଷା ପ୍ରଦାନ ଅଭିଯାନ ଚାଲିଥିଲା । ଯେଉଁଥିରେ ୧୬ଟି ଜାହାଜକୁ ଭାରତର ଯୁଦ୍ଧପୋତଗୁଡିକ ସୁରକ୍ଷା ପ୍ରଦାନ କରି ପାରସ୍ୟ ଉପକୂଳରୁ ଭାରତୀୟ ମହାସାଗରକୁ ଆଣୁଥିଲେ । ଚୀନ ଏବଂ ଦକ୍ଷିଣ କୋରିଆ ଏହିପରି ସୁରକ୍ଷା ବ୍ୟବସ୍ଥା ନିଜ ନିଜର ବାଣିଜ୍ୟିକ ପୋତ ପାଇଁ କରିଛନ୍ତି । ସାଉଦି ଆରବ ହୁଥୀ ବିଦ୍ରୋହୀ ଏବଂ ଇରାନପଟୁ ସବୁବେଳେ ଆଶଙ୍କା କରୁଥିବା ହେତୁ ନିଜର ସୁରକ୍ଷାକୁ ଅଧିକ ସୁଦୃଢ କରିବାକୁ ଚାହୁଁଛି । ସେହିପରି ମଧ୍ୟପ୍ରାଚ୍ୟର ଅନ୍ୟ ଏକ ରାଷ୍ଟ୍ର ଓମାନ ସହ ଭାରତର ସଂପର୍କ ସୁଦୃଢ ହେବାରେ ଲାଗିଛି । ଡୁକମ ବନ୍ଦରକୁ ଓମାନ ଭାରତର ନୌସେନା ବ୍ୟବହାର ପାଇଁ ଅନୁମତି ଦେଇଛି । ଦୁଇଦେଶର ନୌସେନା ମଧ୍ୟରେ ଉତ୍ତମ ସଂପର୍କ ରହିଆସିଛି । ଫେବୃଆରୀ ମାସ୧୪ରୁ ୧୭ ପର୍ଯ୍ୟନ୍ତ ଓମାନ ନୌସେନା ମୁଖ୍ୟ ରିଅର ଆଡମିରାଲ ସୈଫ୍ ଅଲ ରହବୀ ଭାରତ ଗସ୍ତରେ ଆସି ସେନାମୁଖ୍ୟ ଏବଂ ବିଦେଶ ସଚିବଙ୍କ ସହ ସାକ୍ଷାତ କରିଥିଲେ । ଭାରତରୁ ନୌସେନା ଉପକରଣ ସଂଗ୍ରହ ଏବଂ ପ୍ରଶିକ୍ଷଣ ପାଇଁ ସ୍ଥାନ ବୃଦ୍ଧି କରିବା ତାଙ୍କର ଲକ୍ଷ୍ୟ ରହିଥିଲା । ବର୍ତ୍ତମାନର ଓମାନ ନୌସେନା ମୁଖ୍ୟ ଗତ ୨୧ ଜାନୁଆରୀ ଦିନ ଦାୟିତ୍ୱ ଗ୍ରହଣ କରିଥିଲେ । ଉଭୟ ଦେଶରେ ନୌସେନା ମଧ୍ୟରେ ତଥ୍ୟ ଆଦାନପ୍ରଦାନ ପାଇଁ ଗତ ସେପ୍ଟେମ୍ବର ମାସରେ ହ୍ୱାଇଟ୍ ସିପିଙ୍ଗ୍ ଏକ୍ସଚେଞ୍ଜ ଏଗ୍ରିମେଣ୍ଟ ହୋଇଥିଲା । ଏବେ ସାମୁଦ୍ରିକ ସୁରକ୍ଷା ପାଇଁ ଓମାନ ସରକାର ଅଧିକ ଚିନ୍ତିତ । ତେଣୁ ଓମାନ୍ ନୌସେନା ମୁଖ୍ୟ ଭାରତର ପଶ୍ଚିମ ନୌସେନା କମାଣ୍ଡ, ମୁମ୍ବାଇସ୍ଥିତ ପୋତ ନିର୍ମାଣସ୍ଥଳୀ ଏବଂ ପୋତ ସଜଡାସ୍ଥଳୀକୁ ଗସ୍ତ କରିଥିଲେ । ଏହାଛଡା ଇଣ୍ଡିଆନ ଫ୍ୟୁଜନ ସେଣ୍ଟର ଫର ଇଣ୍ଡିଆନ ଓସେନ ରିଜନକୁ ସେ ଗସ୍ତ କରିଥିଲେ । ଫେବୃଆରୀ ମାସର ଆରମ୍ଭରେ ଓମାନର ପ୍ରତିରକ୍ଷା ମନ୍ତ୍ରଣାଳୟର ସାଧାରଣ ସଚିବ ମହମ୍ମଦ ନାସେର ଅଲ ଜାବିଙ୍କ ଭାରତଗସ୍ତ ହୋଇଥିଲା । ମିଳିତ ପ୍ରତିରକ୍ଷା ସହଯୋଗ କମିଟିର ୧୦ମ ପର୍ଯ୍ୟାୟ ଆଲୋଚନା ପାଇଁ ସେ ଗସ୍ତ କରିଥିଲେ । ଉକ୍ତ ବୈଠକ ତିନିବର୍ଷ ପରେ ହୋଇଥିଲା । ତେଣୁ ନୌସେନା ମୁଖ୍ୟ ମୁମ୍ବାଇର ନାଭାଲ ଡକୟାର୍ଡ ଗସ୍ତ କରିଥିଲେ । ଦୁଇଦେଶର ନୌସେନା ମଧ୍ୟରେ ୧୯୯୩ରୁ ନସୀମ ଅଲ ବାହର ନୌ ସମରାଭ୍ୟାସ ପ୍ରତି ଦୁଇବର୍ଷରେ ହୋଇଆସୁଛି । ଗତଥର ୨୦୨୦ରେ ତାହା ଗୋଆରେ ହୋଇଥିଲା । ଏବର୍ଷ ସେହି ଅଭ୍ୟାସ ହେବ । ଆଗାମୀ ଦିନରେ ଓମାନର ବାୟୁସେନା ମୁଖ୍ୟଙ୍କ ଭାରତଗସ୍ତ କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ୧୫୦ ଓମାନ ଅଧିକାରୀ ଗସ୍ତରେ ଆସିବେ ବୋଲି ଜଣାପଡିଛି । ଉତ୍ତର ଆରବ ସାଗରରେ ଦୁଇଦେଶର ନୌସେନା ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ମିଳିତ ଅଭିଯାନ ଚଳାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ । ଓମାନର ସାଲାହଠାରେ ନୌସେନା ପକ୍ଷରୁ ପି ୧୮ ପୋସେଡନ ନିରୀକ୍ଷଣ ବିମାନକୁ କାର୍ଯ୍ୟରେ ଲଗାଯାଇଛି ଯାହା ନିଶା ଚୋରାଚାଲାଣକାରୀ ଏବଂ ଜଳଦସ୍ୟୁଙ୍କ ଉପରେ ନଜର ରଖିବ । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ଅଧିକ ସହଯୋଗ, ମିଳିତ ପ୍ରତିରକ୍ଷା ଉତ୍ପାଦନ ନେଇ କାର୍ଯ୍ୟାରମ୍ଭ ହେବାର ସୂଚନା ମିଳିଛି । ମଧ୍ୟପ୍ରାଚ୍ୟର ଅଧିକ ସହଯୋଗ ବୃଦ୍ଧିପାଇଁ ଭାରତର ପ୍ରୟାସକୁ ମଧ୍ୟପ୍ରାଚ୍ୟର ରାଷ୍ଟ୍ରସମୂହ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ କରିବ ।

# ପରିବର୍ତ୍ତିତ ପ୍ରେମର ପରିଭାଷା

ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ପ୍ରେମଜନିତ ହତ୍ୟାକାଣ୍ଡ ଓଡ଼ିଶାରେ ବଢି ବଢି ଚାଲିଛି । ୨୦୧୮ ମସିହାରେ ଆମ ରାଜ୍ୟରେ ୩୮ଟି ପ୍ରେମଜନିତ ହତ୍ୟାକାଣ୍ଡ ଘଟିଛି । ୨୦୧୯ରେ ଏହି ସଂଖ୍ୟା ୫୨ରେ ପହଞ୍ଚିଥିବା ବେଳେ ୨୦୨୦ରେ ପ୍ରେମଜନିତ ମୃତ୍ୟୁ ସଂଖ୍ୟା ୫୯ ରେ ପହଞ୍ଚିଛି । ଏହା ପଛରେ ଅନେକ କାରଣ ଥାଇପାରେ କିନ୍ତୁ କେହି କେହି ପ୍ରେମରେ ବିଫଳ ହେଲେ, ଭୁଲ ବୁଝାମଣା, ପ୍ରତିଶୋଧ ପରାୟଣ ଓ ମାନସିକ ଭାରସ୍ୟାମ ହରାଇ ଏପ୍ରକାର କାର୍ଯ୍ୟ କରିଥାନ୍ତି । ପରିବର୍ତ୍ତିତ ଅବସ୍ଥାରେ ପ୍ରେମ ଓ ତା'ର ପରିଭାଷା ହଜି ହଜି ଯାଉଛି । ଆମ ସମାଜରେ ପ୍ରେମଜନିତ ଯାହା ଯାହା ସବୁ ଘଟୁଛି ସେଥିରୁ ଜଣା ପଡିଯାଉଛି ଯେ ଆଜିକାଲିକା ପ୍ରେମର ସଂଜ୍ଞା କ'ଣ ? ଏହାର ଉଦ୍ଦେଶ୍ୟ କ'ଣ ? ଆଧୁନିକ ଯୁଗରେ ପ୍ରେମ ଅଳ୍ପ ସମୟର ଦେଖାସାକ୍ଷାତ କିମ୍ବା ବିନା ଦେଖା ସାକ୍ଷାତରେ ମଧ ହୋଇଯାଉଛି । ଏମିତି ମଧ ଦେଖିବାକୁ ମିଳେ ସୋସିଆଲ ମେଡିଆ ମାଧ୍ୟମରେ ଅଥବା ମୋବାଇଲ ମିସ୍‌ଡ଼ କଲରୁ ପ୍ରେମ ଗଢ଼ିଉଠୁଛି । ସବୁ କିଛି ଦେବାନେବା ଓ ଦେଖାଇ ହେବାରେ ଚାଲିଛି ପ୍ରେମ । ମନର ଆକାଂକ୍ଷାକୁ ପୁରା କରିବା ପାଇଁ ଅନେକ ପ୍ରେମ କରୁଛନ୍ତି ଯେଉଁଥିରେ ତିଳେ ମାତ୍ର ତ୍ୟାଗ ନାହିଁ ଯାହାକି ମିଛ, ପ୍ରତାରଣା ଏବଂ ଧୋକାରେ ପରିଣତ ହେଉଛି । ଜଣେ ଅନ୍ୟକୁ ଭଲ ଭାବରେ ଜାଣିବା ଓ ବୁଝିବା ଆଗରୁ ବିବାହ ପାଇଁ ଚିନ୍ତା କରୁଛନ୍ତି । ପସନ୍ଦର ବ୍ୟକ୍ତିଙ୍କୁ ଭଲ ପାଇବା ପୂର୍ବରୁ ନିଜକୁ, ପରିବାରକୁ ଓ ନିଜର ସ୍ଥିତି ଉପରେ ଭଲ ଭାବରେ ନଜର ଦେଉନାହାନ୍ତି । ଯେଉଁ ପରିବାରରେ ସେମାନେ ଛୋଟରୁ ବଡ଼ ହୋଇଛନ୍ତି ସେହି ସଂପର୍କକୁ ଖୁବ ଅଳ୍ପ ଦିନ ମଧ୍ୟରେ ପାଦରେ ଏଡେଇ ଦେଉଛନ୍ତି । କେହି କେହି ପ୍ରେମରେ ଅସଫଳ ହେଲେ କିମ୍ବା ସ୍ୱାର୍ଥ ପୂରଣରେ ବାଧା ସୃଷ୍ଟି ହେଲେ, ସେମାନେ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଅପବିତ୍ର କରି ଦେଉଛନ୍ତି । ନିଜେ ଯାହା ଯାହା ସବୁ ଖରାପ କାର୍ଯ୍ୟ କରୁଛନ୍ତି ତାକୁ ସୋସିଆଲ ମେଡିଆ ମାଧ୍ୟମରେ ପ୍ରସାରଣ କରି ସମସ୍ତଙ୍କୁ ଦେଖାଉଛନ୍ତି । ଏହାଦ୍ୱାରା ସେମାନେ କଳୁଷିତ ହେବା ସହିତ ଏହାର ଖରାପ ପ୍ରଭାବ ସମାଜ ଉପରେ ପଡୁଛି । ତେଣୁ ଅଭିଭାବକମାନେ ପିଲାଙ୍କ ସହିତ ବନ୍ଧୁ ଭଳି ବ୍ୟବହାର କରିବା ସହିତ ସେମାନଙ୍କର ମାନସିକ ସ୍ଥିତିକୁ ବୁଝିବା ଆବଶ୍ୟକ । ପିଲାମାନେ ଯେଭଳି ଅବାଟକୁ ନଯିବେ ସେଥିଲାଗି ଅଭିଭାବକ ଦୃଷ୍ଟି ଦେବା ଉଚିତ । ସମୟକ୍ରମେ ପ୍ରେମ ଏମିତି ହେଲାଣି ଯେ ଯଦି ପ୍ରେମୀଯୁଗଳ ମଧ୍ୟରେ କିଛି ମନୋମାଳିନ୍ୟ କିମ୍ବା ବିଶୃଙ୍ଖଳା ହେଉଛି ତାହା ନିମିଷକେ ମଧ୍ୟରେ ଦାଣ୍ଡରେ ପଡି ହାଟରେ ଗଡୁଛି । ନା ସେମାନଙ୍କର ସହିବାର ଶକ୍ତି ଅଛି ନା ବୁଝିବାକୁ ଜ୍ଞାନ ଅଛି । ଯେମିତି ଲାଗେ ସେମାନେ ଗୋଟେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ବହୁ ମାତ୍ରାରେ ଚେଷ୍ଟା କରିଥାନ୍ତି ଜଣେ ଅନ୍ୟ ଜଣକର ଦୋଷ ଦୁର୍ଗୁଣକୁ ସମାଜ ସମ୍ମୁଖରେ ପ୍ରମାଣିତ କରିବା ପାଇଁ । ସେମାନଙ୍କର ବିଶୃଙ୍ଖଳା ଏତେ ମାତ୍ରାରେ ଉଗ୍ରରୂପ ନେଉଛି ଯେ ପାରିବାରିକ ଜୀବନ ଧ୍ୱଂସ ହୋଇଯାଉଛି । ସର୍ବ ସମ୍ମୁଖରେ ପାରିବାରିକ ବିଶୃଙ୍ଖଳା ଓ ବ୍ୟକ୍ତିଗତ ମାମଲାକୁ ପ୍ରଦର୍ଶିତ କରିବା ଦ୍ୱାରା ସେମାନଙ୍କର ସମ୍ମାନ ହାନି ହେବା ସହିତ ଲୋକମାନଙ୍କର ଜୀବନ ଏବଂ ମାନସିକତା ଉପରେ ଏହାର ଖରାପ ପ୍ରଭାବ ପଡୁଛି ।

**ଗଣେଶ ଚନ୍ଦ୍ର କୁଣ୍ଡ**


ପ୍ରେମ କରି ଅନେକ ବିବାହ ବନ୍ଧନରେ ବାନ୍ଧି ହେଉଛନ୍ତି । ବିଶ୍ୱାସ କରାଯାଏ ବିବାହ ପରେ ସ୍ୱାମୀ ଆଉ ସ୍ତ୍ରୀ ୭ ଜନ୍ମ ପାଇଁ ଏକ ସୂତ୍ରରେ ବାନ୍ଧି ହୋଇଥାନ୍ତି କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଏ ଗୋଟିଏ ଜନ୍ମ ପାଇଁ ବି ସେମାନେ ସାଥିରେ ରହିବା ସମ୍ଭବ ହୋଇପାରୁନି । ଏଥିପାଇଁ ଭିନ୍ନ ଭିନ୍ନ କାରଣ ମାନ ଥାଇପାରେ ଯେମିତିକି ପରସ୍ପର ଠାରୁ ଅଧିକ ଆଶା କରିବା, ଆର୍ଥିକ ସମସ୍ୟା, ପରସ୍ପରକୁ ସମୟ ଦେଇ ନପାରିବା ଓ ଭୁଲ ବୁଝାମଣା ଦ୍ୱାରା ସେମାନଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥାଏ । ଅଧିକାଂଶ ସମୟରେ ଛୋଟ ଛୋଟ କଥା ପାଇଁ ମଧ ପ୍ରେମ ବିବାହ ଟି ବିଚ୍ଛେଦରେ ପରିଣତ ହୋଇଯାଉଛି । ଯଦି କିଛି ମତାନ୍ତର ଓ ମନାନ୍ତର ଅଛି ତାହାକୁ ନିଜ ନିଜ ଭିତରେ ସମାଧାନ କରିବା ପାଇଁ ଉପାୟ ବାହାର କରିବା ବୁଦ୍ଧିମାନର ପରିଚୟ ଅଟେ । କିନ୍ତୁ ପ୍ରକୃତ ପ୍ରେମ ହିଁ ସଂପର୍କକୁ ମଜବୁତ କରିଥାଏ । ଯେତେ ପ୍ରକାର ବାଧା ଆସିଲେ ମଧ ପ୍ରେମ ହିଁ ସେମାନଙ୍କ ମଧ୍ୟରେ ବିଶ୍ୱାସ ହୋଇ ଠିଆ ହୁଏ ଆଉ ଶକ୍ତି ଯୋଗାଏ । ପ୍ରେମ ହେଉଛି ଚିରନ୍ତନ ସତ୍ୟ, ଶାଶ୍ୱତ, ପବିତ୍ର, ସ୍ନେହ ଓ ସଂଯୋଗ । ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, କ୍ଷମା, ସ୍ନେହ, ପ୍ରଣୟ ଇତ୍ୟାଦି ପ୍ରେମର ଗୋଟିଏ ଗୋଟିଏ ରୂପ ଅଟେ । ପ୍ରକୃତ ପ୍ରେମୀ ପରସ୍ପର ପ୍ରତି ଯତ୍ନବାନ ଥାଅନ୍ତି ଓ ପରସ୍ପରକୁ ଇଜ୍ଜତ ଦେଇଥାନ୍ତି । ଭବିଷ୍ୟତ ଯୋଜନାରେ ଉଭୟଙ୍କ ସହଯୋଗ ଥାଏ କାରଣ ସେମାନେ ଜୀବନ ସାରା ଜୀବନ ସାଥି ହୋଇ ରହିବେ । ଯେଉଁ କାମ କରିବାକୁ ଇଚ୍ଛା ନଥାଏ ତାହା କରିବାକୁ କେହି କାହାକୁ ବାଧ କରିନଥାନ୍ତି ଓ ସେମାନେ ପରସ୍ପରକୁ ବିଶ୍ୱାସ କରିଥାନ୍ତି । ଯେଉଁଠାରେ ପ୍ରେମ, ସେହିଠାରେ ଜ୍ଞାନ ଓ କର୍ତ୍ତବ୍ୟ ନିଷ୍ଠା । ଯେଉଁଠାରେ ଏହାର ବିପରୀତ ଭାବ ଅଛି ସେଠାରେ ପ୍ରକୃତ ପ୍ରେମ ହିଁ ନାହିଁ । କିଛି ଅର୍ଥ ଶୂନ୍ୟ କଥା ଅଛି ଯେମିତିକି ଅଗ୍ନିର ଉତ୍ତାପ ନାହିଁ; ସୂର୍ଯ୍ୟ ଅଛି କିନ୍ତୁ ଆଲୋକ ନାହିଁ, ସେପରି ଅର୍ଥଶୂନ୍ୟ ସେମାନଙ୍କର ପ୍ରେମ କାହାଣୀ । ପ୍ରେମ କରୁଛନ୍ତି ହେଲେ ଭଲ ପାଇବା ନାହିଁ କି ବିଶ୍ୱାସ ନାହିଁ । ପ୍ରେମ ପାଇବା ପାଇଁ ଭଲ ପାଇବା ଦରକାର, ମନକୁ ଜିଣିବା ଦରକାର । ଏହା କୌଣସି ବସ୍ତୁ କିମ୍ବା ଜାଗା କିମ୍ବା ଟଙ୍କା ନୁହେଁ ଯାହାକୁ ବଳପୂର୍ବକ ନିଜର କରି ହେବ । ଲୋକ ଦେଖାଣିଆ ଓ ସ୍ୱାର୍ଥ ଉଦେଶ୍ୟରେ କେବଳ ମୁଁ ଭଲ ପାଏ କହିଦେଲେ ଯଥେଷ୍ଟ ହେବ ନାହିଁ । ଆମର ଭଲ ପାଇବା ଆମର କ୍ରିୟା ଦ୍ୱାରା ପ୍ରକଟ ହେବା ଆବଶ୍ୟକ । ଯାହାକୁ ଆମେ ଭଲ ପାଇବା ତା'ପ୍ରତି ସର୍ବଦା ଏକ ସମ୍ବେଦନଶୀଳ ହୃଦୟ ରହିବା ଦରକାର ।

# ଭୂତଙ୍କ ସହର ଧନୁଷ୍କୋଡି

କିଛିଦିନ ତଳର କଥା ନୁହେଁ । ୧୯୬୪ ଶେଷ ବେଳକୁ ଦକ୍ଷିଣ ଭାରତର ପ୍ରସିଦ୍ଧ ତୀର୍ଥ ସହର ରାମେଶ୍ୱରମ୍ ଠାରୁ ମାତ୍ର ୧୫ /୧୬ କିଲୋମିଟର ଦୂରରେ ରହିଥିଲା ରାମାୟଣର ପ୍ରସିଦ୍ଧ ଧନୁଷ୍କୋଡି ବନ୍ଦର । ସେ ସମୟରେ ଏହା ଭାରତର ସର୍ବବୃହତ୍ ସାମୁଦ୍ରିକ ମାଛ ବ୍ୟବସାୟର କେନ୍ଦ୍ର ଥିବାବେଳେ ଅନ୍ୟାନ୍ୟ ବାଣିଜ୍ୟ ବ୍ୟବସାୟର ପେଣ୍ଠ ସହର ଥିଲା । ମାଡ୍ରାସ ଠାରୁ ରାମେଶ୍ୱରମ୍ ବାଟ ଦେଇ ଏଠାକୁ ଦୈନିକ ପାସେଞ୍ଜର ଟ୍ରେନ ଚଳାଚଳ କରୁଥିଲା । ଧନୁଷ୍କୋଡିରେ ରେଳଷ୍ଟେସନ, ଷ୍ଟେସନ ମାଷ୍ଟରଙ୍କ ଅଫିସ, କ୍ୱାଟର୍ସ, କଷ୍ଟମ୍‌ସ୍ ଅଫିସ, ପୋଷ୍ଟ ଓ ଟେଲିଗ୍ରାଫ ଅଫିସ, ୨ଟି ମେଡିକାଲ, ଗୋଟିଏ ରେଳବାଇ ହାସପାତାଳ, ପଂଚାୟତ ୟୁନିଅନ ଔଷଧାଳୟ, ଗୋଟିଏ ଉଚ୍ଚତର ଏଲିମେଂଟାରିଣ୍ଟ ସ୍କୁଲ, ହୋଟେଲ, ଟେକ୍‌ସଟାଇଲ ସପ, ଧର୍ମଶାଳା, ପୋର୍ଟ ଅଫିସ ଓ ଗୋଟିଏ ବଡ ଚର୍ଚ୍ଚ ସହିତ ଏକ ସମୃଦ୍ଧ ଜନବସତି ଥିଲା । ଏହି ଅଂଚଳବାସୀଙ୍କର ମୁଖ୍ୟ ଏବଂ କୌଳିକ ବ୍ୟବସାୟ ଥିଲା ମାଛ । ଏହା ସହିତ ସମୁଦ୍ରରୁ ପ୍ରଚୁର ପରିମାଣରେ ମିଳୁଥିବା ଶଙ୍ଖ, ସିପ , ମାଳି , ବଡ ବଡ କଉଡି, ସାଜସଜ୍ଜା ପାଇଁ ସମୁଦ୍ରଜାତ ପଦାର୍ଥରେ ନିର୍ମିତ ସୁନ୍ଦର ସୁନ୍ଦର ସାମଗ୍ରୀ ଓ ମୂଲ୍ୟବାନ ପଥର ଆଦି ଏଠାରୁ ଦେଶ ବିଦେଶକୁ ରପ୍ତାନୀ କରାଯାଉଥିଲା । ହିନ୍ଦୁ ତୀର୍ଥଯାତ୍ରୀମାନେ ବନାରସ /କାଶୀ ଦର୍ଶନ ପରେ ପାକ୍‌ପ୍ରଣାଳୀରେ ସ୍ନାନ ନ କଲେ ପୁଣ୍ୟ ମିଳେନାହିଁ ବୋଲି ବିଶ୍ୱାସ ରଖି ଧନୁଷ୍କୋଡି ସମୁଦ୍ରରେ ବୁଡ ପକାଇବା ପାଇଁ ଏଠାକୁ ଆସୁଥିଲେ । ୧୯୬୪ ପର୍ଯ୍ୟନ୍ତ ସବୁକିଛି ସ୍ୱାଭାବିକ ଥିଲା । ମାତ୍ର ସେଦିନର ଭୟାବହ ମହାବାତ୍ୟାରେ ସବୁକିଛି ଧ୍ୱଂସ ହୋଇଗଲା । ମାନଚିତ୍ର ବଦଳି ଯିବା ସହିତ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି କ୍ଷୁଦ୍ର ଅଥଚ ସମୃଦ୍ଧ ସହର ଧନୁଷ୍କୋଡି ପୃଥିବୀପୃଷ୍ଠରୁ ଲୋପ ପାଇଗଲା । ଡିସେମ୍ବର ୨୨ ତାରିଖ ମଧ୍ୟରାତ୍ରିରେ ପମ୍ବମ ଦ୍ୱୀପର ଦକ୍ଷିଣପୂର୍ବ ଭାରତ ମହାସାଗରର ଶୀର୍ଷାଞ୍ଚଳରେ ସୃଷ୍ଟି ହୋଇଥିବା ମହାବାତ୍ୟା ଉକ୍ତଦିନ ରାମେଶ୍ୱରମ ଠାରେ ଭୂପୃଷ୍ଠ ସ୍ପର୍ଶ କରି ମାତ୍ର କେଇଘଣ୍ଟା ଭିତରେ ସବୁକିଛ ଧ୍ୱଂସ କରିଦେଲା । ତାମିଲନାଡୁ ସରକାରଙ୍କ ତରଫରୁ ଆଗତ ବାତ୍ୟା ସଂବନ୍ଧରେ ପୂର୍ବରୁ ସୂଚନା ଦିଆଯାଇ ଥିଲେ ହେଁ ୨୨ତାରିଖ ଦିନ ୬ ଡବା ବିଶିଷ୍ଟ ପମ୍ବନ ଧନୁଷ୍କୋଡି ଡେଲି ପାସେଞ୍ଜର ଟ୍ରେନ ନଂ ୬୫୩ ରାତି ପ୍ରାୟ ଏଗାରଟା ବେଳେ ସିଗନାଲ ନ ମିଳିବା କାରଣରୁ ଧନୁଷ୍କୋଡି ଷ୍ଟେସନର ଆଉଟର ସିଗନାଲ ପାଖରେ ପହଂଚି ଅଟକି ଯାଇଥିଲା । ରେଳରେ ଥିବା ଗାର୍ଡ କିମ୍ବା ଡ୍ରାଇଭର ଆଗତ ବାତ୍ୟା ସଂବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ସିଗନାଲ ଖରାପ ହୋଇ ଯାଇଥିବ ଭାବି ପ୍ରାୟ ୧ ଘଣ୍ଟା ଅପେକ୍ଷା କଲା ପରେ ଟ୍ରେନ ଡ୍ରାଇଭର ରିସ୍କ ନେଲେ । ସେତେବେଳେ ଷ୍ଟେସନର ଅପର ପାର୍ଶ୍ୱରେ ରେଳରେ ଥିବା ଯାତ୍ରୀମାନଙ୍କୁ ଶ୍ରୀଲଙ୍କା ନେଇଯିବା ପାଇଁ ଗୋଟିଏ ଷ୍ଟିମର ଅପେକ୍ଷା କରି ରହିଥିଲା । ଟ୍ରେନଟି ଆଉଟର ସିଗନାଲ ଛାଡି ଆଗେଇ ଯିବା ମାତ୍ରେ ଭୟଙ୍କର ତୋଫାନ ମାଡି ଆସିଲା । ରାତି ୧୧ଟା ୫୫ ମିନିଟରେ ମାତ୍ର ୩ ମିନିଟ ମଧ୍ୟରେ ଦେଖୁ ଦେଖୁ ଘଣ୍ଟାପ୍ରତି ୨୮୦ କିଲୋ ମିଟରରୁ ଅଧିକ ବେଗରେ ପବନ ବୋହିବା ସହିତ ପ୍ରାୟ ୨୩ ଫୁଟ ଉଚ୍ଚରେ ସମୁଦ୍ର ଲହଡି ମାଡି ଆସି ରେଳ ଷ୍ଟେସନ ସମେତ ସେହି ଟ୍ରେନ ଓ ସମଗ୍ର ଧନୁଷ୍କୋଡି ସହର ସମୁଦ୍ର ଗର୍ଭରେ ଲୀନ ହୋଇଗଲା । ମୃତକଙ୍କ ମଧ୍ୟରେ ଟ୍ରେନରେ ଥିବା ଲୋକୋ ଡ୍ରାଇଭର ଗାର୍ଡ ଓ ଅନ୍ୟ କର୍ମଚାରୀଙ୍କ ସମେତ ମୋଟ ୨୦୦ ଜଣ ଯାତ୍ରୀ ଥିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଉକ୍ତ ଦିନ ଠିକ୍ ସେହି ସମୟରେ ରାମେଶ୍ୱରମ୍ ମନ୍ଦିର ଭିତରେ ଆଶ୍ରୟ ନେଇ ବାତ୍ୟା କବଳରୁ ରକ୍ଷା ପାଇଯାଇଥିଲେ । ସେତେବେଳର ସରକାରୀ ହିସାବ ଅନୁଯାୟୀ ବାତ୍ୟାରେ ମୋଟ ମୃତକଙ୍କ ସଂଖ୍ୟା ୧୮୦୦ ଏବଂ ଧନ ସଂପତି କ୍ଷୟ କ୍ଷତିର ପରିମାଣ ପ୍ରାୟ ୧୫୦ ମିଲିଅନ ଆମେରିକାନ ଡଲାର ଥିଲା । ବାତ୍ୟାର ୫ ଦିନ ପର୍ଯ୍ୟନ୍ତ ନିକଟବର୍ତ୍ତୀ ଅଂଚଳରେ ଶହ ଶହ ପୋଚା ଶଢା ଶବ ସମୁଦ୍ରରେ ଭାସୁଥିଲା ଯାହାକି ହିସାବକୁ ନିଆଯାଇ ନ ଥିଲା । ସହରର ଧ୍ୱଂସାବଶେଷ ସମେତ ଭାଙ୍ଗି ମୋଡି ହୋଇଯାଇଥିବା ରେଳଲାଇନ, ରେଳ ଷ୍ଟେସନ ଇତ୍ୟାଦିର କିଛିଅଂଶ ଏବେ ମଧ୍ୟ ସେଠାରେ ଦୃଶ୍ୟମାନ । ରାମାୟଣର ପ୍ରସିଦ୍ଧ ଧନୁଷ୍କୋଡି ମାତ୍ର କେତେଘଣ୍ଟା ଭିତରେ ଭାରତର ମାନଚିତ୍ର ପୃଷ୍ଠାରୁ ଲିଭିଗଲା । ଅନ୍ୟତମ ଦର୍ଶନୀୟ

**ପ୍ରସନ୍ନ କୁମାର ମିଶ୍ର**

ରେଳପୋଲ ସମୁଦ୍ର ଉପରେ ଥିବା ପମ୍ବନ ରେଳବ୍ରିଜ ମଧ୍ୟ ଆଂଶିକ ନଷ୍ଟ ହୋଇ ଯାଇଥିଲା । ସେତେବେଳେ ବାତ୍ୟାର ବିସ୍ତାରିତ କ୍ଷେତ୍ର ଥିଲା ୯୬୫ କି.ମି ଏବଂ ପମ୍ବନ ଦ୍ୱୀପର ୧୬ କି.ମି.ବ୍ୟାପି ଅଂଚଳରେ ଝଡର ଆଖିରହିଥିଲା, ଯାହାକି ୨୦୧୯ ମାର୍ଚ୍ଚ ମାସରେ ପୁରୀରେ ହୋଇଥିବା ସୁପର ସାଇକ୍ଲୋନ ଫନୀ ଠାରୁ ଅଧିକ ଭୟଙ୍କର ଥିଲଲା । ସିଂହଳର ଜାଫନା ଜିଲାରେ ୫୦୦୦ଘର ଭାଙ୍ଗି ଯାଇଥିଲା ଏବଂ ୭୦୦ ମାଛଧରା ଦଙ୍ଗା ନିଖୋଜ ହୋଇ ଯାଇଥିଲା । ବାତ୍ୟାପରେ ପରେ ଧନୁଷ୍କୋଡିରେ ରହି ୪ ଜଣ ରେଡିଓ ଅପରେଟର ଝଡର ସେଇ ଘନଘଟା ଭିତରେ ଜୀବନକୁ ବାଜି ଲଗାଇ ପ୍ରତ୍ୟେକ ଦିନ କ୍ରମାଗତ ଭାବେ ପରିସ୍ଥିତିର ରିପୋଟିଂ କରିବା ଫଳରେ ସୁପର ସାଇକ୍ଲୋନର ବାର୍ତ୍ତାଶୁଣି ସାରା ବିଶ୍ୱ ସ୍ତବ୍ଧ ହୋଇଯାଇ ଥିଲା । ଫଳତଃ ବାତ୍ୟାର ମାତ୍ର ୪/୫ ଦିନ ଭିତରେ ଦେଶ ବିଦେଶରୁ ସରକାରୀ ବେସରକାରୀ ସାହାଯ୍ୟ ଆସି ପହଂଚି ହଜାର ହଜାର ଲୋକଙ୍କ ଜୀବନ ରକ୍ଷା ପାଇ ଯାଇଥିଲା । ସେତେବେଳେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଧନଷ୍କୋଡି ସହରର ପୁନଃରୁଦ୍ଧାର ପାଇଁ କୌଣସି ଉଦ୍ୟମ କରା ନ ଯାଇ ଏହାକୁ ଅତି ତରବରିଆ ଭାବେ ଘୋଷ୍ଟ ଟାଉନ ବା ଭୂତଙ୍କ ସହର ଘୋଷଣା ସହିତ ଅଂଚଳରେ ସଂଧ୍ୟା ପରେ ଯାତାୟାତ ସଂପୂର୍ଣ୍ଣ ନିଷେଧ କରି ନିଜ ଦାୟିତ୍ୱ ସାରି ଦେଇ ଥିଲେ । ବିଶ୍ୱରେ ପ୍ରଥମ ଥର ପାଇଁ ଭୂତଙ୍କ ସ୍ଥିତିକୁ ତାମିଲନାଡୁ ସରକାର ସ୍ୱୀକୃତି ଦେଇଥିଲେ । ଏବେ ମଧ୍ୟ ସେ ସ୍ଥାନରେ ସହରର ଭଗ୍ନାବଶେଷ ଦେଖିବାକୁ ମିଳେ । ପ୍ରାନ୍ତରରେ ୫୦୦ ମତ୍ସଜୀବୀ ପରିବାର ସରକାରଙ୍କ ଅନୁମତି କ୍ରମେ କୁଡିଆ ଘର ତିଆର କରି ରହୁଛନ୍ତି । ସେମାନଙ୍କୁ ପ୍ରତିବର୍ଷ ଦୁଇଥର ସବୁଦିନିଆ ସାମୁଦ୍ରିକ ଝଡ ପବନ ଦ୍ୱାରାକ୍ଷତିଗ୍ରସ୍ତ ଘରର ପୁନଃନିର୍ମାଣ କରିବାକୁ ପଡୁଛି । ପ୍ରତି ଥରର ଖର୍ଚ୍ଚ ପ୍ରାୟ ୧୦ ହଜାର ଟଙ୍କା । ଏଭଳି ଅବସ୍ଥାରେ କେନ୍ଦ୍ରର ବିଜେପି ସରକାର ଆଗେଇ ଆସି ବାସଚ୍ୟୁତ ଏହି ପରିବାରର ଥଇଥାନ ସମେତ ରାମେଶ୍ୱରମ୍ ଓ ଧନୁଷ୍କୋଡି ସହରର ବିକାଶ, ଆର୍ଥିକ ତଥା ସାମାଜିକ ଉନ୍ନତି ପାଇଁ ଅନେକ ଗୁଡିଏ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛନ୍ତି । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନଙ୍କର ଆଗମନ ପାଇଁ ଏକ ନୂଆଜାତୀୟ ରାଜପଥର ବିକାଶ ସହିତ ପମ୍ବନ ଠାରେ ସମୁଦ୍ର ଉପରେ ଏକ ନୂଆ ବ୍ରୀଜ ନିମାଣ କରାଯାଇଛି । ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ପମ୍ବନ ରେଳପୋଲର ନିର୍ମାଣ ଶହେ ବର୍ଷ ପର୍ଣ୍ଣ ହୋଇଯାଇଥିବାରୁ ଭାରତ ସରକାରଙ୍କ ତରଫରୁ ଏକ ନୂଆ ରେଳ ପୋଲର ନିର୍ମାଣ ଆରମ୍ଭ ହେଇଯାଇଛି ଯାହାକି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହୋଇଯିବାର ଆଶା କରାଯାଉଛି । କେବଳ ସେତିକି ନୁହେ, ଭାଙ୍ଗିଯାଇଥିବା ୧୭ କି.ମି. ଲମ୍ବର ମଣ୍ଡପମ-ଧନୁଷ୍କୋଡି ରେଳଲାଇନ ମଧ୍ୟ ପୁନଃ ନିର୍ମାଣ କରାଯିବା ନିମନ୍ତେ ସ୍ଥିର କରା ଯାଇଛି । ନିକଟରେ ରାମେଶ୍ୱରମ୍ ମନ୍ଦିର ଠାରୁ ଧନୁଷ୍କୋଡି ପର୍ଯ୍ୟନ୍ତ ଥିବା କଚ୍ଚା ରାସ୍ତା ସ୍ଥାନରେ ଜାତୀୟ ରାଜପଥ ପକ୍ଷରୁ ନୂଆବନ୍ଧ ଓ ପ୍ରଶସ୍ତ ରାସ୍ତା ତିଆର କରା ଯାଇଥିବାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ସିଧାସଳଖ ଧନୁଷ୍କୋଡିରେ ଥିବା ଶ୍ରୀରାମ ସେତୁର ଅତି ନିକଟରେ ପହଁଚି ପାରୁଛନ୍ତି । ସେଠାରୁ ଦୃଶ୍ୟମାନ ଶ୍ରୀରାମ ସେତୁ ତଥା ପୁରାତନ ଜନବସତିର ଭଗ୍ନାବଶେଷ ଦର୍ଶନ ପାଇଁ ପ୍ରତିଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିବା ଆରମ୍ଭ ହୋଇଯାଇଛି । ଏହାଛଡା ରାମେଶ୍ୱରମ୍ ସହରର କେନ୍ଦ୍ର ସ୍ଥଳରେ ଭାରତ ସରକାରଙ୍କ ପକ୍ଷରୁ ୨୦୧୫ ମସିହାରେ ପୂର୍ବତନ ରାଷ୍ଟ୍ରପତିଙ୍କ ସ୍ମୃତିରେ ଅତୀବ ଆକର୍ଷଣୀୟ ନୂତନ ଏପିଜେ ଅବଦୁଲ କାଲାମ ମ୍ୟୁଜିୟମର ଉଦଘାଟନ ପରେ ରାମେଶ୍ୱରମର ମର୍ଯ୍ୟାଦା ଓ ମହତ୍ତ୍ୱ ଅଧିକ ବୃଦ୍ଧି ପାଇଛି । କୁହାଯାଏ ଲଙ୍କା ବିଜୟ ପରେ ବିଭୀଷଣ ଶ୍ରୀରାମଙ୍କୁ ବିଦାୟ ଦେବା ପାଇଁ ଏହି ସ୍ଥାନକୁ ଆସିଥିବା ବେଳେ ତାଙ୍କ ଦେଶର ଭବିଷ୍ୟତ ସାମରୀକ ନିରାପତ୍ତା ପାଇଁ ସେତୁବନ୍ଧ ଭାଙ୍ଗିଦେବାକୁ ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧ ରକ୍ଷା କରି ଶ୍ରୀରାମ ନିଜର ଧନୁଶରରେ ଏହାକୁ ଭାଙ୍ଗି ଦେଇଥିଲେ । ତାମିଲ ଭାଷାରେ ଧନୁଷ୍କୋଡିର ଅର୍ଥ -ଧନୁର ଶେଷଭାଗ ବା ହୁଳ । ପ୍ରଭୁ ଶ୍ରୀରାମ ଏହିସ୍ଥାନରେ ନିଜର ଧନୁରେ ଚିହ୍ନଦେଇ ସେତୁ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏବେ ଧନୁଷ୍କୋଡି ପର୍ଯ୍ୟଟକ ଓ ଗବେଷକମାନଙ୍କର ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି ।



# ଦୁବାଇରେ ବିଶ୍ୱର ଗଭୀରତମ ପୁଲ୍

ଦୁବାଇ ନିର୍ମାଣ କରିଛି ବିଶ୍ୱର ସବୁଠୁ ଗଭୀର ସ୍ୱିମିଂ ପୁଲ୍। ନାଦ୍ ଅଲ୍ ଶେବା କ୍ଷେତ୍ରରେ ଏହା ଅବସ୍ଥିତ। ନାଁ ଡିପ୍ ଡାଇଭ୍ ଦୁବାଇ। ଦୁବାଇର କ୍ରାଉନ୍ ପ୍ରିନ୍ସ ହମିଦ୍ ବିନ ମହମ୍ମଦ ଏହି ଗଭୀରତମ ପୁଲ୍ ଉନ୍ମୋଚନ କରିଛନ୍ତି। ଏହାର ଏକ ଭିଡିଓ ସେ ଟ୍ୱିଟରରେ ଶେୟାର କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ବିଶ୍ୱର ଗଭୀରତମ ପୁଲ୍ ଡିପ୍ ଡାଇଭ୍ ଦୁବାଇର ସମଗ୍ର ବିଶ୍ୱକୁ ଅପେକ୍ଷା। ଦୁବାଇ ସରକାରଙ୍କ ୱେବ୍‌ସାଇଟ୍ ଷ୍ଟେଟ୍‌ରେ ଏନେଇ ଏକ ପ୍ରେସ୍ ଇସ୍ତାହାର ଉପଲବ୍ଧ ହେଉଛି। ପୁଲ୍‌ର ଗଭୀର ୬୦.୦୨ ମିଟର। ୧ କୋଟି ୪୦ ଲକ୍ଷ ଲିଟର ଜଳଧାରଣ କରିବାର କ୍ଷମତା ଏହାର ରହିଛି। ଯାହା ଅଲିମ୍ପିକ୍ ଆକାରବିଶିଷ୍ଟ ୬ ସ୍ୱିମିଂ ସହ ସମାନ। ଜୁଲାଇ ଶେଷ ବେଳକୁ ଡିପ୍ ଡାଇଭ୍ ଦୁବାଇର ବୁକିଂ ଏହାର ୱେବ୍‌ସାଇଟ୍ ଜରିଆରେ ସର୍ବସାଧାରଣଙ୍କ ପାଇଁ ଆରମ୍ଭ ହେବାର ଯୋଜନା ହୋଇଛି। ୧୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନେ ପୁଲ୍‌ର ମଜା ନେଇପାରିବେ। ଆଥ୍‌ଲେଟଙ୍କ ପାଇଁ ଏହା ଉପଯୁକ୍ତ ସ୍ଥଳୀ ହେବ। ଜଳମଗ୍ନ ସହର ଏହି ପୁଲ୍‌ର ବିଶେଷତ୍ୱ ଏବଂ ପର୍ଯ୍ୟଟକ ଓ ବୁଡାଳିଙ୍କ ମୁଖ୍ୟ ଆକର୍ଷଣ। ଏଥିରେ ଏକ ଆପାର୍ଟମେଂଟ୍, ଗ୍ୟାରେଜ୍ ଏବଂ ଆର୍କେଡ୍ ରହିଛି। ପୁଲ୍ ଭିତରେ ୫୬ କ୍ୟାମେରା ଲାଗିଛି, ଯାହା ସବୁ ଦିଗରୁ ପୁଲ୍ ଉପରେ ନଜର ରଖିବ। ପୁଲ୍‌ରେ ବୁଡିବାର ଅନୁଭବକୁ ଆହୁରି ସୁନ୍ଦର କରିବା ଲାଗି ମ୍ୟୁଜିକ୍ ଓ ଚିତବିନୋଦନକାରୀ ଲାଇଟ୍ ସିଷ୍ଟମ୍ ରହିଛି। ପୁଲ୍‌ର ସତେଜ ଜଳ ସିଲିସିୟସ୍ ଭୋଲ୍‌କାନିକ୍ ଉକ୍, ନାସା ଦ୍ୱାରା ବିକଶିତ ଫିଲ୍ଟର ଟେକ୍ନୋଲୋଜି ଓ ଅତି ବାଇଗଣି ବିକିରଣ ଜରିଆରେ ପ୍ରତି ୬ ଘଂଟଶରେ ଥରେ ପରିସ୍କୃତ ଓ ପରିଚାଳିତ ହେଉଛି। ଏହା ଉକ୍ତ ଅଂଚଳର ସର୍ବବୃହତ୍ ଓ ଦ୍ରୁତତମ ପରିଷ୍କରଣ ପଦ୍ଧତି।

# ମିସ୍ କରୁଛନ୍ତି ତାରା



ବଲିଉଡ୍ ଅଭିନେତ୍ରୀ ତାରା ସୂତାରିଆ ଏବେ ଫିଲ୍ମ ଏକ୍ ଭିଲେନ୍-୨ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତେବେ ଘରକୁ ସେ ବହୁତ ମିସ୍ କରୁଛନ୍ତି। ସୋସିଆଲ ମିଡିଆରେ ଶେୟାର କରିଥିବା ତାଙ୍କ ସଦ୍ୟ ପୋଷ୍ଟରୁ ଏହା ଅନୁମାନ କରାଯାଉଛି। ଘରେ ରହିବାକୁ ବୋଧହୁଏ ତାରା ବହୁତ ଭଲ ପାଆନ୍ତି। ଗତ ରବିବାର ତାରା ନିଜ ଇନ୍‌ଷ୍ଟା ଷ୍ଟୋରୀରେ ଏକ ଫଟୋ ପୋଷ୍ଟ କରିଥିଲେ। ଏଥିରେ ଏକ ସୁସଜ୍ଜିତ ଡାଇନିଙ୍ଗ ଟେବଲର ଛବି ଦେଖିବାକୁ ମିଳିଥିଲା। ଫଟୋ ସହ କ୍ୟାପସନ୍ ଲେଖିଥିଲେ ଘର, ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନକୁ ମିସ୍ କରୁଛି। ଏତ୍‌ସହ ଏକ ଦୁଃଖୀ ଇମୋଜି ଶେୟାର କରିଥିଲେ। ଏକ୍ ଭିଲେନ୍-୨ ୨୦୧୪ରେ ମୁକ୍ତିପ୍ରାପ୍ତ ଫିଲ୍ମ ଏକ ଭିଲେନ୍‌ର ସିକ୍ୱେଲ୍। ଏକତା କପୁର ଓ ଭୂଷଣ କୁମାର ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି। ସିକ୍ୱେଲରେ ଜନ୍ ଆବ୍ରାହମ୍, ଦିଶା ପଟାନି ଓ ଅର୍ଜୁନ କପୁର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ଫିଲ୍ମଟି ମୁକ୍ତିଲାଭ କରିବ। ତାରାଙ୍କହାତରେ ମିଲନ୍ ଲୁଥ୍ରିଆଙ୍କ ନିର୍ଦ୍ଦେଶିତ ଫିଲ୍ମ ତଡପ୍ ମଧ୍ୟ ରହିଛି। ଏଇଟି ତେଲଗୁ ହିଟ୍ ଆର୍‌ଏକ୍ସ୧୦୦ର ରିମେକ୍। ଏଥିରେ ଅଭିନେତା ସୁନୀଲ ସେଟ୍ଟୀଙ୍କ ପୁଅ ଆହାନଙ୍କ ଅପୋଜିଟ୍‌ରେ ତାରା ନଜର ଆସିବେ। ଆହାନ ଏହି ଫିଲ୍ମ ଜରିଆରେ ବଲିଉଡ୍‌ରେ ଏଂଟ୍ରି କରିବାକୁ ଯାଉଛନ୍ତି। ହିରୋପନ୍ତିର ସିକ୍ୱେଲ୍‌ରେ ମଧ୍ୟ ତାରାଙ୍କୁ କାଷ୍ଟ କରାଯାଇଛି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଟାଇଗର ଶ୍ରଫ୍।


# ସାଥୀ ଖୋଜୁଛନ୍ତି ୮୫ ବର୍ଷୀୟା



୩୯ ବର୍ଷୀୟ ପ୍ରେମିକଙ୍କଠାରୁ ଅଲଗା ହେବା ପରେ ୮୫ ବର୍ଷୀୟ ଜଣେ ବୃଦ୍ଧା ସାଥୀ ଖୋଜୁଛନ୍ତି। ନ୍ୟୁୟର୍କ ବାସିନ୍ଦା ହାଟି ରିଟ୍ରୋଏଜ୍ ବମ୍ବଲରେ ଏକ ଆକାଂଉଟ୍ ଖୋଲିବାକୁ ଯୋଜନା କରୁଛନ୍ତି। ଏହା ଜରିଆରେ ସେ ନିଜ ପାଇଁ ଜଣେ ସାଥୀ ଖୋଜିବେ। ୪୮ ବର୍ଷ ବୟସରେ ହାଟିଙ୍କର ବିବାହ ବିଚ୍ଛେଦ ହୋଇଥିଲା। ତା' ପରଠୁ ସେ କେବଳ ଯୁବକଙ୍କୁ ଡେଟ୍ କରିବାକୁ ଚାହିଁଲେ। ହାଟି କହିଛନ୍ତି ମୁଁ ଏବେ କାହାକୁ ଡେଟ୍ କରୁନାହିଁ। ବମ୍ବଲରେ ଏ ବିଷୟରେ ପୋଷ୍ଟ କରିବି। ମୋର କିଛି ସାଙ୍ଗ ସେଠାରେ ପୁରୁଷଙ୍କୁ ଭେଟିଛନ୍ତି। ମୁଁ ପୁଣି ଡେଟିଂ ଆରମ୍ଭ କରିବି ଏବଂ ୮୫ ବର୍ଷ ବୟସରେ ପୁଣି ପ୍ରେମକୁ ଉପଭୋଗ କରିବି। ନିକଟରେ ଇସ୍ରାଏଲର ଜଣେ ଯୁବକ ମୋତେ ଫୋନ୍ କରି କହିଲେ ଯେ ତାଙ୍କର ମୋ ପ୍ରତି ଦୁର୍ବଳତା ଥିଲା। ପୂର୍ବରୁ ଏକ ଆପ୍‌ରେ ହାଟି ସପ୍ତାହକୁ ୩ଥର ଡେଟ୍‌ରେ ଯାଉଥିଲେ। ତେବେ ତାଙ୍କୁ ବ୍ଲକ୍ କରିଦିଆଗଲା। ସେବେଠାରୁ କୌଣସି ଡେଟିଂ ଆପ୍‌ରେ ସେ ଯୋଡ଼ି ହୋଇ ନଥିଲେ। ଥରେ ସେ ଖବରକାଗଜରେ ବିଜ୍ଞାପନ ଦେଇଥିଲେ, ଯେଉଁଥିରେ ଉଲ୍ଲେଖ କରିଥିଲେ କେବଳ ୩୫ ବର୍ଷରୁ କମ୍ ବୟସର ପୁରୁଷଙ୍କୁ ଡେଟ୍ କରିବାକୁ ଚାହୁଁଛନ୍ତି। ଏହା ପରେ ତାଙ୍କ ପାଖକୁ ଅସଂଖ୍ୟ ଅନୁରୋଧ ଆସିଲା।

# ଏଡିଟ୍ ଫଟୋ ପୋଷ୍ଟ କଲେ ଜେଲ୍

ସୋସିଆଲ ମିଡିଆରେ ଆମେ ଯେତେବେଳେ କାହାର ଫଟୋ ଦେଖୁଛୁ, ତାହା ଏଡିଟ୍ ହୋଇଛି କି ନାହିଁ, ଜାଣିବା କଷ୍ଟକର ହେଉଛି। ଏହି ପ୍ଲାଟଫର୍ମରେ ସୋସିଆଲ ମିଡିଆକୁ ପ୍ରଭାବିତ କରୁଥିବା ଅନେକ ଅଛନ୍ତି, ଯେଉଁମାନେ ନିଜ ଫଟୋକୁ ଏଡିଟ୍ ଓ ଫିଲ୍ଟର କରି ପୋଷ୍ଟ କରୁଛନ୍ତି। ଏଭଳି ଆକର୍ଷଣୀୟ ତ୍ୱଚା କିମ୍ବା ଶରୀର ଆଶାରେ ଅନେକ ଯୁବକଯୁବତୀ ଭୁଲ୍ ପଦକ୍ଷେପ ନେଉଛନ୍ତି। କିନ୍ତୁ ନରୱେରେ ଏ ନେଇ ଏକ ନୂଆ ନିୟମ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନିୟମ ଅନ୍ତର୍ଗତ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନେ ଫଟୋ ଏଡିଟ୍ ହୋଇଛି ବୋଲି ଘୋଷଣା ନ କରିବା ପର୍ଯ୍ୟନ୍ତ ସେମାନଙ୍କର ଏଡିଟ୍ କିମ୍ବା ଫିଲ୍‌ଟର ଫଟୋ ପୋଷ୍ଟ କରିପାରିବେ ନାହିଁ। ଯୁବବର୍ଗଙ୍କ ମଧ୍ୟରେ ଶରୀର ଚାପ ହ୍ରାସ ନାମକ ଏକ ପ୍ରୟାସର ଅଂଶବିଶେଷ ଏହି ନିୟମ ଲାଗୁ ହୋଇଛି। ନରୱେର ମୋସ୍ ସ୍ଥିତ ଇନ୍‌ଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସର ୨୬ ବର୍ଷୀୟା ମାଡିଲିନ୍ ପିଡରସନ୍ କହିଛନ୍ତି, ଏହା ସମୟର କଥା। ଅବାସ୍ତବ ଫଟୋ ସହ ଯୁବବର୍ଗ ନିଜକୁ ତୁଳନା କରିବା ବନ୍ଦ କରିବେ ବୋଲି ଆଶା। ଅନେକ ନିଜ ଶରୀର ଓ ମୁହଁକୁ ନେଇ ଅସୁରକ୍ଷିତ ମନେ କରନ୍ତି। ଇନ୍‌ଷ୍ଟାଗ୍ରାମ୍ ଯୋଗୁ ଅତୀତରେ ସେ ନିଜେ ନିଜ ଶରୀରକୁ ନେଇ ସଂଘର୍ଷ କରିଥିବା କଥା କହିଛନ୍ତି। ଅନ୍ୟମାନେ ସେମାନଙ୍କ ଫଟୋ ଏଡିଟ୍ କରି ପୋଷ୍ଟ କରୁଛନ୍ତି କି ନାହିଁ ସେ ଜାଣନ୍ତି ନାହିଁ। ସମସ୍ତେ ଏ ବିଷୟରେ ଜାଣିବା ଉଚିତ୍। ତେଣୁ ଏହି ନିୟମ ବହୁତ ଜରୁରୀ ବୋଲି ସେ କହିଛନ୍ତି। ଏହି ନିୟମ ଅନୁସାରେ ସୋସିଆଲ ମିଡିଆରେ ପ୍ରଭାବଶାଳୀ ବ୍ୟକ୍ତିମାନେ ଯଦି ନିଜ ବିଜ୍ଞାପନ ପୋଷ୍ଟ ବିଷୟରେ ସ୍ପଷ୍ଟ କରିବେ ନାହିଁ ଯେ ତାହା ଏଡିଟ୍ ହୋଇଛି କି ନାହିଁ, ତେବେ ସେମାନଙ୍କୁ ଡଣ୍ଡ ଗଣିବାକୁ ପଡ଼ିବ। ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିବ। ନରୱେ ମାର୍କେଟିଙ୍ଗ ଆକ୍ଟ ଅନ୍ତର୍ଗତ ସବୁ ସୋସିଆଲ ମିଡିଆ ପ୍ଲାଟଫର୍ମ ପାଇଁ ଏହି ନିୟମ ଲାଗୁ ହୋଇଛି।



# ଇମ୍ୟୁନିଟି ବଢ଼ାଇବ ଫିଶ୍ ବିସ୍କୁଟ

ଲୁଧିଆନାର ଗୁରୁ ଅଙ୍ଗଦ ଦେବ ଭେଟେନାରୀ ଆଣ୍ଡ ଆନିମଲ ସାଇନ୍ସେସ୍ ୟୁନିଭର୍ସିଟିର କଲେଜ ଅଫ୍ ଫିଶରିଜ୍ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବା ପାଇଁ ଫିଶ୍ ବିସ୍କୁଟ ପ୍ରସ୍ତୁତ କରିଛି। ଏଥିରେ ଥିବା ପୋଷକ ତତ୍ୱ ଇମ୍ୟୁନିଟି ବଢ଼ାଏ ଏବଂ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ମାଛ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭକର। ଏଥିରେ ଥିବା ପୋଷକ ତତ୍ୱ ଶରୀରକୁ ଅନେକ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥା,। ଉକ୍ତ ପ୍ରତିଷ୍ଠାନର ବୈଜ୍ଞାନିକ ଡା. ଅଜିତ ସିଂହ ଏହି ମାଛ ବିସ୍କୁଟ ପ୍ରସ୍ତୁତ କରିଛନ୍ତି। ଏହା ସାଧାରଣ ବିସ୍କୁଟ ତୁଳନାରେ ଖୁବ୍ ଅଧିକ ମହଙ୍ଗା। ଏହା ଔଷଧ ଭଳି କାମ କରିବ। ଅଜିତ ସିଂହଙ୍କ ଦାବି ଯେ, ରୋଗ ବିରୋଧରେ ଲଢ଼ିବାର କ୍ଷମତା ବୃଦ୍ଧି କରିବାରେ ମାଛ ବିସ୍କୁଟ ବେଶ ଉପଯୋଗୀ ହେବ। ବଜାରରେ ଉପଲବ୍ଧ ସାଧାରଣ ବିସ୍କୁଟ କାର୍ବୋହାଇଡ୍ରେଟ୍‌ଯୁଂକ୍ତ। ଏଥିରେ ୭୫ ପ୍ରତିଶତରୁ ଅଧିକ କାର୍ବୋହାଇଡ୍ରେଟ୍ ରହିଛି। ସେହିପରି ଫାଇବର ଓ ପ୍ରୋଟିନ୍ ଏଥିରେ କମ୍। ପ୍ରୋଟିନ୍ କେବଳ ୫ ପ୍ରତିଶତ ଓ ଫାଇବର ମାତ୍ର ୧ ପ୍ରତିଶତ ଥାଏ। ସେଥିପାଇଁ ଏଗୁଡିକ ସ୍ୱାସ୍ଥ୍ୟକର ନୁହେଁ ଏବଂ ପୋଷଣ ଅଭାବ ପୂରଣ କରେ ନାହିଁ। ତେବେ କାର୍ପ ମାଛର ମାଂସରୁ ପ୍ରସ୍ତୁତ ଏହି ଫିଶ୍ ବିସ୍କୁଟ ପ୍ରୋଟିନ୍ ଓ ଫାଇବର ଯୁକ୍ତ। ବିସ୍କୁଟରେ ଫାଇବର ସାମିଲ କରିବା ପାଇଁ ଅଜିତ ସିଂହ ଏଥିରେ ରାଗୀ ଓ ଓଟ୍‌ସ ପ୍ରୟୋଗ କରିଛନ୍ତି। ସାଧାରଣ ବିସ୍କୁଟଗୁଡିକର ସବୁ ଗୁଣ ଉଚ୍ଚ ପ୍ରୋଟିନ୍‌ଯୁକ୍ତ ଏହି ବିସ୍କୁଟରେ ରହିଛି।ଖାସ୍ କଥା ହେଉଛି ଆମିଷ ଗନ୍ଧ ଏଥିରେ ନାହିଁ। ତେଣୁ ପିଲାମାନେ ଏହାକୁ ଆନନ୍ଦରେ ଖାଇପାରିବେ। ମାଛ ବିସ୍କୁଟରେ କାର୍ବୋହାଇଡ୍ରେଟ୍ ମାତ୍ର ୫୦ ପ୍ରତିଶତ ଏବଂ ପ୍ରୋଟିନ୍ ୧୭ ପ୍ରତିଶତ ରହିଛି। ରାଗୀରେ ୫ ପ୍ରତିଶତରୁ ଅଧିକ ଏବଂ ଓଟ୍‌ସରେ ୨ରୁ ୩ ପ୍ରତିଶତ ଫାଇବର ଅଛି। ସେହି ଦୃଷ୍ଟିରୁ ପୋଷଣ ମାମଲାରେ ମାଛ ବିସ୍କୁଟର ଅନେକ ଫାଇଦା ରହିଛି। ଏଗୁଡିକର ବ୍ୟବହାର ସମୟ ସୀମା ୬ ମାସରୁ ଅଧିକ।



# ବଲାଙ୍ଗୀର ଓ ଝାରସୁଗୁଡ଼ା ଜିଲ୍ଲାରେ 'ଅହିଂସା ରଥ'

ଭୁବନେଶ୍ୱର : ସ୍ୱାଧୀନତାର ସଂଦେଶ ତଥା ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ମହାମନ୍ତ୍ରରେ ରାଜ୍ୟବାସୀଙ୍କୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରାୟୋଜିତ 'ଅହିଂସା ରଥ' ଆଜି ବଲାଙ୍ଗୀର ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ପତାକା ଦେଖାଇ ଅହିଂସା ରଥର ଜିଲ୍ଲା ପରିଭ୍ରମଣର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ସରୋଜ କୁମାର ସାମଲ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସରବାହାଲ ଉଚ୍ଚବିଦ୍ୟାଳୟଠାରେ ଏବଂ କୋଲାବିରା ବ୍ଲକ, ଝାରସୁଗୁଡ଼ାଠାରେ ଅହିଂସା ରଥକୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ହାତରେ ଜାତୀୟ ପତାକା ଶୋଭା ପାଇବା ସହ ଦେଶାତ୍ମବୋଧକ ସଂଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଝାରସୁଗୁଡ଼ାର କୋଲାବିରା ବ୍ଲକ୍, ଲାଇକେରା ବ୍ଲକ୍, ତାଳପଟିଆଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ଅନୁରୂପ ଭାବରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ର ମାଲପଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପାଟଣାଗଡ଼ ବିଧାୟକ ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ । ସର୍ବତ୍ର ଛାତ୍ରଛାତ୍ରୀ, ଜନସାଧାରଣ ଏବଂ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିଥିବାବେଳେ ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବାଣୀ ଆଧାରିତ ଏକ ଭିଡ଼ିଓ ଫିଲ୍ମ ପ୍ରଦର୍ଶିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ପର୍ଯ୍ୟବେକ୍ଷିତ କ୍ଷୁଦ୍ର ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା । ସେହିପରି ମୁରିବାହାଲ ବ୍ଲକ୍ ଠାରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ମିଥାଲି ମାଝୀ, ପଂଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ଉପାଧ୍ୟକ୍ଷ ଯାଜ୍ଞସେନୀ ହାତୀ, ବିଡ଼ିଓ, ତହସିଲଦାର, ପଂଚାୟତିରାଜ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଙ୍ଗନବାଡ଼ି କର୍ମୀ ଏବଂ ବିପୁଳ ସଂଖ୍ୟାରେ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଟୁରେକେଲା ବ୍ଲକ୍ ଅଫିସ, ବେଲପଡା ବ୍ଲକ୍, କୋଲାବିରା ବ୍ଲକ୍ ଠାରେ ମଧ୍ୟ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ଅହିଂସା ରଥ ଦ୍ୱାରା ପ୍ରସାରିତ ଭିଡ଼ିଓ ବାର୍ତ୍ତା ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଅନୁପ୍ରାଣିତ କରୁଛି । ଏହି ରଥ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପରିଭ୍ରମଣ କରିବ ।

# ସାଉଥ ଆଫ୍ରିକାର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

## ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସଶକ୍ତ କରିବା ପାଇଁ ଜଏଂଟ୍ ୱାର୍କିଂ ଗ୍ରୁପ ଗଠନ ହେବ-ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର : ଶିକ୍ଷା କ୍ଷେତ୍ରରେ ଭାରତ ଓ ସାଉଥ ଆଫ୍ରିକାର ଦ୍ୱିପାକ୍ଷିକ ସମ୍ପର୍କକୁ ସଶକ୍ତ କରିବା ପାଇଁ ଜଏଣ୍ଟ୍ ୱାର୍କିଂ ଗ୍ରୁପ ଗଠନ ହେବ । ଆଜି ସାଉଥ ଆଫ୍ରିକାର ଉଚ୍ଚ ଶିକ୍ଷା, ବିଜ୍ଞାନ ଓ ନବସୃଜନ ମନ୍ତ୍ରୀ ଡ. ବି ଇମାନ୍ୟୁଏଲ ବ୍ଲେଡ୍ ନିମାଣ୍ଡେଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେବା ପରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା, ଦକ୍ଷତା ବିକାଶରେ ଉଭୟ ରାଷ୍ଟ୍ର ପରସ୍ପର ସହଯୋଗୀ ହେବା ଏବଂ ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ସାଉଥ ଆଫ୍ରିକାର ମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି । ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଅନ୍ତର୍ଜାତୀୟକରଣ କରିବାର ମାର୍ଗ ପ୍ରଶସ୍ତ କରିଛି । ଉଚ୍ଚ ଶିକ୍ଷା ଓ ଦକ୍ଷତା ବିକାଶ ଅନୁଷ୍ଠାନ, ଦକ୍ଷତା ଭିତ୍ତିକ ଯୋଗ୍ୟତା ଓ ଦକ୍ଷତା ବିକାଶର କ୍ଷମତା ଗଠନ ଦିଗରେ ଭାରତ ଓ ସାଉଥ ଆଫ୍ରିକା ଆନୁଷ୍ଠାନିକ ଭାବରେ ସହଯୋଗୀ ହେବା ପାଇଁ ଆଲୋଚନା କାଳରେ ସହମତି ପ୍ରକାଶ ପାଇଛି । ଏହି ବୈଠକ ପରେ ଶ୍ରୀ ପ୍ରଧାନ ବାଲି ଠାରେ ଥିବା ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟୋରିଜମ ଆଣ୍ଡ୍ ବିଜନେସ୍ ଅନୁଷ୍ଠାନ ପରିଦର୍ଶନ କରିବା ସହ ଅନୁଷ୍ଠାନର କୁଳପତି ଡ. ଆଇ ମେଡ୍ ସୁଜାନାଙ୍କୁ ଭେଟିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦକ୍ଷତା ବିକାଶ କ୍ଷେତ୍ରରେ ଏଭଳି ଅନୁଷ୍ଠାନ ଗୁଡ଼ିକ ସହଯୋଗୀ ହେଲେ ପର୍ଯ୍ୟଟନ ଉଦ୍ୟମିତାକୁ ପ୍ରୋତ୍ସାହନ ମିଳିବ ଏବଂ ପରିଭ୍ରମଣ, ପର୍ଯ୍ୟଟନ, ଆତିଥ୍ୟ, ବ୍ୟବସାୟ ତଥା ବ୍ୟାପାର କ୍ଷେତ୍ରରେ କ୍ଷମତା ବୃଦ୍ଧି ଘଟିବ । ଶିକ୍ଷାନୁଷ୍ଠାନର କୁଳପତି ଡ. ସୁଜାନା ମଧ୍ୟ ଭାରତର ଶିକ୍ଷାନୁଷ୍ଠାନ ସହ ସହଯୋଗୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ସାକ୍ଷାତ୍ ପରେ କେନ୍ଦ୍ରମନ୍ତ୍ରୀ ଉକ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଭେଟି ମଧ୍ୟ ଆଲୋଚନା କରିଥିଲେ ।ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀ ପ୍ରଧାନ ଇଣ୍ଡୋନେସିଆର ପ୍ରଥମ ହିନ୍ଦୁ ବିଶ୍ୱବିଦ୍ୟାଳୟ 'ସୁଗ୍ରିବ ବିଶ୍ୱବିଦ୍ୟାଳୟ'କୁ ଗସ୍ତ କରିବା ସହ ସେଠାକାର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ସେ କହିଛନ୍ତି ଏହି ବିଶ୍ୱବିଦ୍ୟାଳୟ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ସାଂସ୍କୃତିକ ସମ୍ପର୍କର ପ୍ରତିଫଳନ । ସଂସ୍କୃତ, ଦର୍ଶନଶାସ୍ତ୍ର, ଯୋଗ ଓ ଆୟୁର୍ବେଦ ଭଳି କ୍ଷେତ୍ରରେ ଭାରତର ଶିକ୍ଷାନୁଷ୍ଠାନ ଗୁଡ଼ିକ ସହ ସମ୍ପର୍କ ସ୍ଥାପନ କରିବାର ଅପାର ସୁଯୋଗ ରହିଛି । ଭାରତ ବିଶ୍ୱବିଦ୍ୟାଳୟ ଏବଂ ସୁଗ୍ରିବ ବିଶ୍ୱବିଦ୍ୟାଳୟ ମଧ୍ୟରେ ସମନ୍ୱୟ ରଖିବା ସହ ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ କରାଗଲେ ଉଭୟ ଦେଶରେ ଥିବା ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଆର୍ଥିକ ସମ୍ପର୍କ ଟାଣ ହେବ ।ଏହି ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ବାଲି ଠାରେ ରହୁଥିବା ପ୍ରବାସୀ ଓଡ଼ିଆ ଓ ଭାରତୀୟଙ୍କୁ କେନ୍ଦ୍ରମନ୍ତ୍ରୀ ସାକ୍ଷାତ୍ କରିଥିଲେ ।

# ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା- ସହାୟିକା ସଙ୍ଘ ପକ୍ଷରୁ ଡିଇଓଙ୍କୁ ଦାବିପତ୍ର ପ୍ରଦାନ




କେନ୍ଦ୍ରାପଡା : ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା- ସହାୟିକା ସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍କୁଲ ଗୁଡିକରେ ଛାତ୍ର ଉପସ୍ଥାନ ବୃଦ୍ଧି ନିମନ୍ତେ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲ ଗୁଡିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ପାଚିକା ଓ ସହାୟିକାମାନଙ୍କ ବକେୟା ତୁରନ୍ତ ପ୍ରଦାନ କରାଯିବା, ଦରଦାମ ବୃଦ୍ଧି ସମୟରେ ମାସିକ ପାରିଶ୍ରମିକ ୧୪ଶହ ଟଙ୍କାକୁ ତୁରନ୍ତ ବୃଦ୍ଧି କରାଯିବା, ବର୍ଷକୁ ୧୨ମାସର ପାରିଶ୍ରମିକ ପ୍ରଦାନ, କାମକରିପାରୁଥିବା ପାଚିକା ଏବଂ ସହାୟିକାମାନଙ୍କୁ ବାହାର କରାନଯିବା, ସର୍ବନିମ୍ନ ପେନସନ ପ୍ରଦାନ, ସ୍କୁଲ ମିଶ୍ରଣରେ ବାଦ ପଡିଥିବା ପାଚିକାମାନଙ୍କୁ ନିକଟ ସ୍କୁଲରେ ରଖାଯିବାର ବ୍ୟବସ୍ଥା କରାଯିବା, ପାଚିକାଙ୍କୁ ସ୍କୁଲର ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଗଲେ ପାରିଶ୍ରମିକ ବ୍ୟବସ୍ଥା କରାଯିବା, ଶାଢୀ ପାଇଁ ସରକାର ଘୋଷଣା କରିଥିବା ଏକ ହଜାର ଟଙ୍କା ପ୍ରଦାନ କରାଯିବା, ସର୍ବନିମ୍ନ ଦୁଇଜଣ ସହିତ ପ୍ରତି ୨୫ଜଣ ଛାତ୍ରରେ ଜଣେ ପାଚିକା ନିଯୁକ୍ତି କରାଯିବା, ଡିସେମ୍ବର ୨୦୦୮ମସିହାରୁ ମାର୍ଚ୍ଚମାସ ୨୦୧୧ପର୍ଯ୍ୟନ୍ତ ୨୮ମାସର ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ କରାଯିବା, ଦେହ ଅସୁସ୍ଥ ଥିଲେ ଛୁଟି ପ୍ରଦାନ ସହ ବୀମା ପ୍ରଦାନ କରାଯିବା, ସ୍କୁଲମାନଙ୍କରେ ପାଚିକାମାନଙ୍କୁ ଜୋରଜବରଦସ୍ତି ଝାଡୁ କରିବା, ପାଇଖାନା ସଫା କରିବା, ରୋଷେଇ କରି ଅନ୍ୟମାନଙ୍କୁ ଦେବା ପ୍ରଭୃତି କାର୍ଯ୍ୟ ଗୁଡିକୁ ତୁରନ୍ତ ବନ୍ଦ କରିବା, ନୂତନ ଭାବେ ନିଯୁକ୍ତ ପାଚିକାମାନଙ୍କ ନାମ ୧୫ଦିନ ମଧ୍ୟରେ ପଞ୍ଜୀକରଣ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଦାବିପତ୍ର ପ୍ରଦାନ ସମୟରେ ସଙ୍ଘର ଜିଲ୍ଲା ସଭାପତି ସୋହାନା ବେଗମ, ରାଜନଗର ବ୍ଲକର ଲକ୍ଷ୍ମିପ୍ରିୟା ମଣ୍ଡଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗଜେନ୍ଦ୍ର ନାୟକ, ଏ.ଆଇ.ଟି.ୟୁ.ସି. ନେତା ରମଣୀରଞ୍ଜନ ରାଉତରାୟ, ମାର୍ଶାଘାଇ ସଭାପତି ଦମୟନ୍ତୀ ସାମଲ, ସୁମିତ୍ରା ଦାସ, ନୟନା କର, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥରେ ଦୁର୍ଘଟଣା

## ଇଞ୍ଜିନିୟରିଂ ଛାତ୍ର ମୃତ; ୫ ଗୁରୁତର

ଗଞ୍ଜାମ/ଛତ୍ରପୁର : ଗଞ୍ଜାମ ଥାନା ଅଧୀନ ଅଗସ୍ତିନୂଆଗାଁ ଛକ ନିକଟ ୧୬ନଂ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ କାର୍ ଦୁର୍ଘଟଣଶରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ କାର୍‌ରେ ବସିଥିବା ତାଙ୍କର ଅନ୍ୟ ୫ଜଣ ସାଙ୍ଗ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଦେବରାଜ(୩୨) । ଗୁରୁତରମାନେ ହେଲେ ସୁରଜ କୁମାର ମହାନ୍ତ, ସର୍ଭେସ ମହାନ୍ତ, ସନୱାଜ, ଅର୍କ ସରକାର ଓ କୁମାର ଜନ୍ମେଜୟ । ସମସ୍ତ ୬ଜଣ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ବୋଲି ଜଣାପଡ଼ିଛି । ଖବର ପାଇ ଗଞ୍ଜାମ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଏସ୍ଆଇ ନାରାୟଣ କହଁର, ମହିଳା ଏସ୍ଆଇ ସୁପ୍ରଭା ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଛତ୍ରପୁର ମେଡ଼ିକାଲକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏହାସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ପଠାଇଥିଲେ । ଗୁରୁତରଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି । ତେବେ ମୃତ ଯୁବକ ଏବଂ ଅନ୍ୟ ସମସ୍ତ ଗୁରୁତରମାନେ ସମସ୍ତେ ଅଣଓଡ଼ିଆ । ସେମାନଙ୍କ ଘର ଝାଡ଼ଖଣ୍ଡରେ ବୋଲି ଜଣାପଡ଼ିଛି । ସେମାନେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର । ସେମାନେ ଭୁବନେଶ୍ୱରରୁ ଗୋପାଳପୁର ବୁଲିବାକୁ ଆସିଥିଲେ । ବୁଲାବୁଲି ପରେ ଗୋପାଳପୁରରେ ରାତ୍ରିଯାପନ କରି ସକାଳୁ ଫେରୁଥିଲେ । ଏ ସମୟରେ କୌଣସି କାରଣବଶତଃ କାର୍ ଭାରସାମ୍ୟ ହରାଇ ଅଗସ୍ତିନୂଆଗାଁ ଛକ ନିକଟରେ ଡିଭାଇଡରରେ ପିଟି ହୋଇ ଅପରପାର୍ଶ୍ୱରେ ଏକ ଟ୍ରକ୍ (ଆରଜେ୪୭ଜିଏ-୧୦୮୩)କୁ ପିଟିହୋଇଥିଲା ।

# ଟ୍ରାଫିକ୍ କନଷ୍ଟେବଲଙ୍କୁ ପିଟି୨ ବାଇକ୍ ଆରୋହୀ ଗିରଫ



ଭୁବନେଶ୍ୱର : ଚେକିଂ ବେଳେ ଟ୍ରାଫିକ୍ କନଷ୍ଟେବଲଙ୍କୁ ପିଟିଛନ୍ତି ୨ ବାଇକ୍ ଆରୋହୀ । ନିଜକୁ ଲୋକାଲ ପିଲା କହି ଅଚାନକ ଭାବେ ଆକ୍ରମଣ କରିଥିଲେ ଦୁଇ ବାଇକ ଆରୋହୀ । ଏନେଇ ଧଉଳି ଥାନାରେ ଅଭିଯୋଗ ପରେ ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି ।ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ ଟଙ୍କପାଣି ରୋଡ୍ ଛକ ଠାରେ ଟ୍ରାଫିକ୍ ଚେକିଂ କରାଯାଉଥିଲା । ଏହି ସମୟରେ ରଙ୍ଗ ସାଇଡ୍ ଡ୍ରାଇଭିଂ ଓ ବିନା ହେଲମେଟ୍ ଗାଡ଼ି ଚାଳନା ନେଇ ଟ୍ରାଫିକ ପୋଲିସ ଦୁଇ ବାଇକ୍ ଆରୋହୀଙ୍କୁ ଅଟକାଇଥିଲା । ତେବେ ଏଥିରେ ରାଗି ଯାଇ ଉଭୟ ବାଇକ୍ ଆରୋହୀ ଟ୍ରାଫିକ୍ କନଷ୍ଟେବଲଙ୍କୁ ଆକ୍ରମଣ କରିଥିଲେ । ଚାପୁଡା ଉପରେ ଚାପୁଡା ସାଙ୍ଗକୁ ବିଧା ଗୋଇଠା ମାରିଥିଲେ । ଅଭିଯୋଗ ପରେ ଉଭୟ ଗିରଫ ହୋଇଛନ୍ତି ।

# ଦାଦାବଟି ମାଗି ତିନି ଗିରଫ



କଟକ :ବାଦାମବାଡି ସରକାରୀ ବସ୍ଷ୍ଟାଣ୍ଡ ଭିତର ଏକ ପୋଷାକ ଦୋକାନର ଜଣେ କର୍ମଚାରୀଙ୍କୁ ବାରମ୍ବାର ଦାଦାବଟି ମାଗିବା ଓ ବଟି ନ ଦେଲେ ଜୀବନରୁ ମାରିଦେବାର ଧମକ ଦେଇ ଆଜି ୩ ଜଣ ଗିରଫ ହୋଇଛନ୍ତି । ଗିର' ଅଭିଯୁକ୍ତମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଝାଞ୍ଜିରୀମଙ୍ଗଳା ଖଣ୍ଡାୟତସାହିର ଭାରତ ସାମନ୍ତରାୟ(୨୨), ଶଙ୍କରପୁର ଡିଅସାହିର ମିନୁଆ ପରିଡା(୫୦) ଓ ଶଙ୍କରପୁର ପରିଡାସାହିର ବିକି ସେଠୀ(୨୮) । ଏହି ତିନି ଅଭିଯୁକ୍ତ କିଶନଗର ଥାନା ହରିପୁର ଗ୍ରାମର ଅଭିଯୋଗକାରୀ ରାଜା ପାତ୍ରକୁ ନିୟମିତ ବଟି ମାଗିଆସୁଥିଲେ । ଏନେଇ ବାଦାମବାଡି ଥାନା କେସ ନଂ ୨୪୮/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ୫୩ନଂ ୱାର୍ଡରେ ସ୍ମାର୍ଟ ରୋଡର ଶିଳାନ୍ୟାସ

କଟକ : ସିଏସମି ଅନ୍ତର୍ଗତ ୫୩ନଂ ୱାର୍ଡସ୍ଥିତ ଅନ୍ଦରପୁରଠାରୁ ସତ୍‌ସଙ୍ଗ ସରକାରୀ ବିଦ୍ୟାଳୟ ପର୍ଯ୍ୟନ୍ତ ୨୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ସ୍ମାଟ ରୋଡ ତଥା ଫେବର ବ୍ଲକ ଟାଇଲ ରୋଡ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । କଟକ ସିଏମସି ମେୟର ସୁବାସ ସିଂହଙ୍କ ପୌରୋହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଡେପୁଟି ମେୟର ଦମୟନ୍ତୀ ମାଝୀ ଏବଂ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଚଳର ବରିଷ୍ଠ ମୁରବୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଦିଗରେ ଅତିଥିଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ତଥା ବରିଷ୍ଠ ମୁରବୀ ରଜନୀକାନ୍ତ ପରିଜା, ପ୍ରାଣକୃଷ୍ଣ ଜେନା, ନରେନ୍ଦ୍ର କୁମାର ଜୈନ, ଅକ୍ଷୟ କୁମାର ଦେ, ରମେଶ ଚନ୍ଦ୍ର ଦାସ, ରାଜନ କୁମାର ସିହ୍ନା, ସାହି ଅଧିକାରୀ ପ୍ରମୋଦ ଭୋଳ, ବିଦୁଲତା ସ୍ୱାଇଁ, ସୁଶାନ୍ତ କୁମାର ବେହେରା, ନଗେନ ଦାସ, ରାଜେନ୍ଦ୍ର ମହାପାତ୍ର, ନବକିଶୋର ଭୋଳ, ଅଧିର କୁମାର ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଓ ଯୁବ ବର୍ଗ ଉପସ୍ଥିତ ଥିଲେ ।

# ଆର୍ଯ୍ୟସମାଜ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଭୁବନେଶ୍ୱର : ସମାଜ ସଂସ୍କାରର ଏକ ନୂତନ ବାର୍ତ୍ତା ଦେବା ପାଇଁ ଆର୍ଯ୍ୟସମାଜ, ଓଡ଼ିଶାର ଏକ ଅଭିନବ ପ୍ରୟାସ ଆଜି ଦେଖିବାକୁ ମିଳିଛି । ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥ ଶ୍ରୀ ଅରବିନ୍ଦ ନଗରଠାରେ ପତିହରା 'ମା'ମାନେ ଯେ ସମସ୍ତ ଶୁଭକର୍ମ କରିପାରିବେ ଓ ଯଜ୍ଞରେ ଭାଗ ନେଇ ଆହୂତି ଦେଇପାରିବେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆର୍ଯ୍ୟ ସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି ।ପବିତ୍ର ଗଣେଶ ପୂଜା ଅବସରରେ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ କଲ୍ୟାଣ ମଣ୍ଡପ ଯୋଗାଇ ଦେବା ପାଇଁ ଆର୍ଯ୍ୟ ସନ୍ନ୍ୟାସୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଶ୍ରୀ ଅରବିନ୍ଦନଗରସ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ପରିସରରେ ଶଶୀଭୂଷଣ ବହୁମୁଖୀ ମଣ୍ଡପକୁ ଶ୍ରୀମତୀ ସାବିତ୍ରୀ ରାଉତ ଓ ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆର୍ଯ୍ୟ ସମାଜର ଏହି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି 'ମା'ମାନଙ୍କୁ ଉଦ୍‌ଘାଟନ କାର୍ଯ୍ୟରେ ପ୍ରଫେସର ଡଃ କନକ ମଞ୍ଜରୀ ମିଶ୍ର, ଶ୍ରୀମତୀ ଆରତୀ ଜ୍ଞାନେନ୍ଦ୍ର, ଶ୍ରୀମତୀ ନମିତା ମହାପାତ୍ର ଓ ଡଃ ନିବେଦିତା ପଟ୍ଟନାୟକ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ଅନନ୍ତ ବଳିଆ ଟ୍ରଷ୍ଟର ଟ୍ରଷ୍ଟି ମନୁ ଭାଇ ପ୍ରମୁଖ ରାଜଧାନୀରେ ଏହି କାର୍ଯ୍ୟକ୍ରମ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଆୟୋଜିତ ବୈଦିକ ଯଜ୍ଞକୁ ପଣ୍ଡିତ ବିନୋଦ ବିହାରୀ ଦାସ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡଃ ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ଡଃ ମନୋଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଯଜ୍ଞରେ ଜଜମାନ ଭାବେ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଓ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ସସ୍ତ୍ରୀକ ଅଂଶଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସମାଜସେବୀ ବରୁନରାଜ, ନଳିନୀକାନ୍ତ ରାଉତ, ଭବାନୀକାନ୍ତ ରାଉତ, ଜନ୍ମେଜୟ ନାୟକ ପରିଚାଳନା

# ବଡବିଲ ପୌରପଳିକାର ନୂତନ କଯ୍ୟାଳୟ ଉଦଘାଟିତ



ବଡବିଲ :ବଡବିଲ ପୌରପାଳିକାରେ ସର୍ବଭାରତୀୟ ସ୍ୱାୟତ ଶାସନ ଦିବସ ପାଳନ ହେବା ସଙ୍ଗେସଙ୍ଗେ ନୂତନ ପୌରପାଳିକା କଯ୍ୟାଳୟ ଉଦଘାଟନ ହୋଇପାରିଛି । ଏହିଥିରେ ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ ଏବଂ ବଡ଼ବିଲ ପୌର ପରିଷଦର ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଉଦ୍ଘାଟନ କରିଥିଲେ । ପ୍ରଥମେ ପ୍ରାତଃ ୪ ଘଟିକା ସମୟରେ ଉକ୍ତ ପୌରା ଅଞ୍ଚଳରେ ରାମଧୂନ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରି ସାରିବା ପରେ ବିଭିନ୍ନ ବିଦ୍ୟାଳୟକୁ ଯାଇ ମିଷ୍ଟାନ ବଣ୍ଟନ ସହିତ ପରିଷଦର ସଫେଇ କର୍ମଚାରୀଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ ବଡବିଲ ପୌରା ଅଞ୍ଚଳରେ ଅବସ୍ଥିତ ସମସ୍ତ ମହାପୁରୁଷମାନଙ୍କୁ ପୁଷ୍ପମାଲ୍ୟ ସମସ୍ତ କାଉନସିଲର ମାନଙ୍କ ସହିତ ଅର୍ପଣ କରିଥିଲେ । ତାପରେ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଓ କରାଗାରର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ ।ପରେ ନୂତନପୌର ଭବନ ଉଦ୍ ଘାଟନ ଅବସରରେ ବିଘ୍ନ ନାଶକ ଗଣେଷଙ୍କ ପୂଜା କରିଥିଲେ ।ଏହାପରେ ସଂନ୍ଧ୍ୟା୫ ଘଟିକା ସମୟରେ ବିକାଶ ମହଲରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟଅତିଥି ଭାବରେ ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ ଉପସ୍ଥିତ ଥିଲେ । ସମ୍ମାନୀତ ଅତିଥି ଭାବରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା କେନ୍ଦୁଝରର ଶ୍ରୀଯୁକ୍ତ ଘାସୀରାମ ମୁର୍ମୁ ନିଜର ମତାମତ ପ୍ରଦାନ କରିଥିଲେ । ସେହିପରି ବଡ଼ ବିଲ ତହସିଲଦାର ଶ୍ରୀଯୁକ୍ତ ଆଲୋକ କୁମାର ପଟେଲ ନିଜର ଅଭିଭାଷଣ ଦେବା ସହିତ ବଡ଼ବିଲ ବିକାଶ ସହିତ ଯୋଡି ହେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ସେହିପରି ଉପଖଣ୍ଡ ପୋଲିସ ଅଧିକାରୀ ବଡ ବିଲ ଶ୍ରୀଯୁକ୍ତ ହିମାଂଶୁ ଭୂଷଣ ବେହେରା ନିଜସ୍ୱ ମତାମତ ପ୍ରଦାନ କରିଥିଲେ । ଏହି ସଭାରେ ବଡବିଲ ପୌର ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମଣ ମହାନ୍ତ ପୌରହିତ୍ୟ କରିଥିଲେ । ତା ସହିତ ପୌର ଉପାଧ୍ୟକ୍ଷା ସ୍ୱରସତୀ ନାୟକ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଭିଷେକ ପଣ୍ଡା ସାଧାରଣ ସଭାକୁ ପରିଚାଳନା କରିଥିଲେ ।

# କୁଆଖାଇ ନଦୀରେ ବୁଡିଗଲେ ୨ ନାବାଳକ

## ଜଣଙ୍କ ମୃତଦେହ ଉଦ୍ଧାର , ଜଣେ ନିଖୋଜ

ଭୁବନେଶ୍ୱର : କୁଆଖାଇ ନଦୀରେ ଗାଧୋଉଥିବା ବେଳେ ଜଣ ନାବାଳକ ବୁଡ଼ିଯାଇଛନ୍ତି । କଟକର ପ୍ରତାପନଗରୀ କୁଆଖାଇ ବ୍ରିଜ ତଳେ ଗାଧୋଉଥିବା ବେଳେ ଏହି ଅଘଟଣ ଘଟିଛି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଆଉ ଜଣଙ୍କ ସନ୍ଧାନ ବିଳମ୍ବିତ ସଂଧ୍ୟା ସୁଦ୍ଧା ମିଳିପାରିନଥିଲା ।ଖବର ପାଇ ଘଟଣାସ୍ଥଳରେ ପହଂଚି ସଦର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା । ସୂଚନା ଅନୁସାରେ ଭୁବନେଶ୍ୱର ପଟିଆ ଅଂଚଳର ପାଂଚ ଜଣ ଛାତ୍ର ସ୍କୁଲ ଯିବାକୁ କହି ୨ ଟି ସ୍କୁଟିରେ ଗାଧୋଇବା ପାଇଁ କୁଆଖାଇ ବ୍ରିଜ୍ ତଳକୁ ଯାଇଥିଲେ । ହେଲେ ସେଠାରେ ପାଣିର ସ୍ରୋତ ଅଧିକ ଥିବାରୁ ୩ ଜଣ ଭାସି ଯାଇଥିଲେ । ଜଣଙ୍କୁ ସ୍ଥାନୀୟ ଯୁବକ ଉଦ୍ଧାର କରିଥିବା ବେଳେ ୨ ଜଣ ବୁଡି ଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲା । ପାଣି ଗୋଳିଆ ଥିବାରୁ ସର୍ଚ୍ଚ ଅପରେସନ୍ ରେ ବାଧା ସୃଷ୍ଟି ହୋଇଥିଲା । ତେବେ ଅପରାହ୍ନରେ ଆଶୁତୋଷ ପାଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏବେ ବି ରୀତି ରଂଜନ ମାଝୀ ନିଖୋଜ ଅଛନ୍ତି । ଏହି ଅଘଟଣକୁ ତିନି ଜଣ ରକ୍ଷା ପାଇଯାଇଛନ୍ତି । ବର୍ତମାନ ସେମାନଙ୍କୁ ପଚରାଉଚରା କରୁଛି ପୋଲିସ୍ । ସମସ୍ତ ପିଲା ପଟିଆ ଅଂଚଳର ହୋଇଥିବା ବେଳେ ସେମାନଙ୍କ ବୟସରୁ ୧୩ ରୁ ୧୪ ବର୍ଷ । ଅନ୍ୟପକ୍ଷରେ ଅଗ୍ନିଶମ ବାହିନୀ ସର୍ଚ୍ଚ ଅପରେସନ୍ ଜାରି ରଖିଛି ।

# ୪୧ ନଂ ୱାର୍ଡରେ ସ୍ୱାୟତ୍ତ ଶାସନ ଦିବସ



କଟକ : ମହାନଗର ନିଗମ ଅନ୍ତର୍ଗତ ୪୧ ନମ୍ବର ୱାର୍ଡ ଯୋବ୍ରା ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ନେତୃତ୍ୱରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାୟତ୍ତ ଶାସନ ଉପରେ କର୍ପୋରେଟର ଶ୍ରୀମତୀ ପଶାୟତ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ, ବରିଷ୍ଠ ନେତା ମନୋରଂଜନ ଜେନା, ବୈଷ୍ଣବ ଦାସ, ଯୁବନେତା ଶୁଭେନ୍ଦୁ ମହାନ୍ତି, ସାରଦା ପ୍ରସନ୍ନ ମହାନ୍ତି, ଅର୍ବାନ କୋଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ସୁରେନ୍ଦ୍ର ଦାସଙ୍କ ସମେତ ସ୍ଥାନୀୟ ଜନସାଧାରଣ ଓ ସଫେଇ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଅବ୍ୟବସ୍ଥା ଘେରରେ ଜେନାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ଶ୍ରେଣୀଗୃହ ଭଗ୍ନ ଅବସ୍ଥା ଯୋଗୁଁ ବାରଣ୍ଡା ପଢୁଛନ୍ତି ପିଲା



ଖମାର, ୧୩/ ୯ (ନି.ପ୍ର): ରାଜ୍ୟ ସରକାର ଶିକ୍ଷା ବିଭାଗକୁ ଅତି ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ସ୍କୁଲର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଓଡ଼ିଶାରେ ଉଚ୍ଚ ବିଦ୍ୟାଳୟ ଗୁଡିକ ୫ଟି ସ୍କୁଲ ମାଧ୍ୟମରେ ରୂପାନ୍ତରିତ ହୋଇ ରଙ୍ଗବେରଙ୍ଗ ସଜେଇ ହେଉଥିବା ଏବେ ଦେଖିବାକୁ ମିଳୁଛି । କିନ୍ତୁ ବଡ ବିଡମ୍ବନାର ବିଷୟ ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକ ଖମାର ନିକଟସ୍ଥ ଜେନାପଡା କ୍ଲଷ୍ଟରର ଖୁଦ ଜେନାପଡା ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ନାହିଁ ନଥିବା ଛାତ୍ରଛାତ୍ରୀଙ୍କୁ ପାଠ ପଢିବା ବ୍ୟବସ୍ଥା । ଏହି ଉଚ୍ଚ ବିଦ୍ୟାଳୟ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢିବା ସୁବିଧା ହୋଇଥିଲେ ସୁଦ୍ଧା ବର୍ତ୍ତମାନ ୫ ଟି ଶ୍ରେଣୀ ଗୃହରେ ପିଲାମାନେ ପଢୁଥିବା ଦେଖିବାକୁ ମିଳିଛି । ମୁଖ୍ୟତ ସ୍କୁଲ ପରିସରରେ ଥିବା ପ୍ରଥମ ଏବଂ ତୃତୀୟ ଶ୍ରେଣୀ ଗୃହଟି ଅତି କଦର୍ଯ୍ୟ ଅବସ୍ଥାରେ ଏବଂ ବିପଦପୂର୍ଣ ଅବସ୍ଥାରେ ଚାରୀ କାନ୍ଥ, ଉପର ଟାଇଲ ଆଁ କରିଥିବା ଅବସ୍ଥାରେ ପଡିଛି । ସେହି ଦ୍ୱିତୀୟ ଶ୍ରେଣୀଗୃହଟି ଏତେ ମାତ୍ରାରେ ଟାଇଲ ଭାଙ୍ଗି ଯାଇଛି ଯେ ଏକାଧିକ ଜାଗାରେ ଦିନବେଳା ସୂର୍ଯ୍ୟ ଦେଖିବାକୁ ପଡୁଛି । ବେଳେବେଳେ ଏହି ଛୋଟ ପିଲାପାଠ ପଢିବାବେଳେ ବାହାରୁ ସାପ ପଶି ପିଲାଙ୍କ ବ୍ୟାଗକୁ ପଶିବା ଦୃଶ୍ୟ ମଧ ଛୋଟ ପିଲାମାନେ ପ୍ରକାଶ କରିଛନ୍ତି ଗଣମାଧ୍ୟମ ଆଗରେ । ଅନ୍ୟ ପଟେ ଶୌଚାଳୟ ସମ୍ପୂର୍ଣମାତ୍ରାରେ ନଥିବାକୁ ନେଇ ସ୍କୁଲ ପ୍ରଧାନ ଶିକ୍ଷକ ସମେତ ଶିକ୍ଷୟିତ୍ରୀ ମାନେ ମତପ୍ରକାଶ କରିଛନ୍ତି । ଏବେ ଏହି ଜେନାପଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ତିନି ଜଣ ଥିବା ସହ ୬ ଜଣ ଶିକ୍ଷୟିତ୍ରୀ ଅଛନ୍ତି ବୋଲି( ସି.ଆର.ସି.ସି) ଖଗେଶ୍ୱର ସାହୁ କହିଛନ୍ତି, କିନ୍ତୁ ବର୍ତ୍ତମାନ ସୁଦ୍ଧା ଅତି ବିପଦ ସଂକୁଳ ଅବସ୍ଥାରେ ଥିବା ଶ୍ରେଣୀ ପାଇଁ ନୂତନ ଶ୍ରେଣୀଗୃହ ତିଆରି ପାଇଁ ଅଭିଯୋଗ ଆଣିଥିଲେ ସୁଦ୍ଧା କୌଣସି କାର୍ଯ୍ୟ କାରୀ ହେଉନି ବୋଲି ସ୍କୁଲ ପରିଚାଳନା କମିଟିର ସଭାପତି ଭୂରୀଶ୍ରଭା




ବେହେରା ସମେତ ପୂର୍ବତନ ୱାର୍ଡ ସଭ୍ୟ ବିରେନ କୁମାର ସାହୁ କହିଛନ୍ତି । ବିଶେଷ କରି ଖମାର ଅଂଚଳ ଗୋଟେ ଜନପୂର୍ଣ ଅଂଚଳ ଆଉ ଜେନାପଡା ଗୋଟେ ସ୍ୱତନ୍ତ୍ର ଏକ କ୍ଲଷ୍ଟର, ଯାହାକି ଏହି କ୍ଲଷ୍ଟର ଅଧୀନରେ ପ୍ରାୟ ୨୦ ଟି ସ୍କୁଲ ପରିଚାଳିତ ହେଉଛି କିନ୍ତୁ ବଡ ଦୁଃଖର କଥା ଶ୍ରେଣୀ ଗୃହ ଅଭାବ ଯୋଗୁଁ କ୍ଲଷ୍ଟର କାର୍ଯ୍ୟାଳୟରେ , କାର୍ଯ୍ୟାଳୟ ପରିବର୍ତ୍ତେ ଏବେ ପଞ୍ଚମ ଶ୍ରେଣୀରେ ଛାତ୍ରଛାତ୍ରୀ ପଢୁଛନ୍ତି ବୋଲି (ସିଆରସିସି) ଖଗେଶ୍ୱର ସାହୁ ଏବଂ ପ୍ରଧାନ ଶିକ୍ଷକ ଉଦୟ ଚନ୍ଦ୍ର ନାଏକ ଗଣମାଧ୍ୟମ ଆଗରେ ମାତବ୍ୟକ୍ତ କରିଛନ୍ତି । ଗ୍ରାମବାସୀ ଏବଂ ଶିକ୍ଷକଙ୍କ ଅଭିଯୋଗ କ୍ରମେ ଡ୍ୟାମେଜ ଥିବା ଶ୍ରେଣୀକୁ ଯଥା ସମ୍ଭବ କାର୍ଯ୍ୟକାରୀ କରିବାସହ ଶୌଚାଳୟର ବ୍ୟବସ୍ଥା କଲେ ଭବିଷ୍ୟତ ଜେନାପଡା ଉଚ୍ଚ ବିଦ୍ୟାଳୟ ଏବଂ କ୍ଲଷ୍ଟରଟି ଆଦର୍ଶ ସ୍କୁଲ ଭାବରେ ଉତୀର୍ଣ୍ଣ ହେବ ଆଉ ଛୋଟ ପିଲା ଅସୁବିଧା ବଞ୍ଚିତ ହେବେ ।

## ପୂର୍ବ ତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼, ଦ୍ୱାରା ସ୍କଟ୍ ଡ୍ରଇଂ ଏବଂ ପେଣ୍ଟିଂ ପ୍ରତିଯୋଗିତା ଆୟୋଜିତ କରା ଯାଇଛି ।



ଖୋରଧା, ୧୩/ ୯(ନି.ପ୍ର):ପୂର୍ବ ତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼, (ECORWWO), ଦ୍ୱାରା ମଣ୍ଡଳର ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସ୍କଟ୍ ଚିତ୍ରାଙ୍କନ ଏବଂ ପେଣ୍ଟିଂ ପ୍ରତିଯୋଗିତା ଆୟୋଜନ କରିଛି, ଯେଉଁଥିରେ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭା ବୃଦ୍ଧି ହେବ । ପାଞ୍ଚଟି ରେଳ ଷ୍ଟେସନ ଯଥା ଖୋର୍ଦ୍ଧା ରୋଡ଼, କଟକ, ଭଦ୍ରକ, ଅନୁଗୁଳ ଏବଂ ପଲାସା ରେଳ ଷ୍ଟେସନର ବିଭିନ୍ନ କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ମୋଟ ୨୭୬ ରେଲୱେ ପିଲା ଅଂଶଗ୍ରହଣ କରିଥିଲେ । ଏହି ସ୍କଟ୍ ଚିତ୍ରାଙ୍କନ ଏବଂ ପେଣ୍ଟିଂ ପ୍ରତିଯୋଗିତାରେ ପିଲାମାନେ ତିନି ଗୋଷ୍ଠୀରେ ବର୍ଗୀକୃତ ହୋଇଥିଲେ ଯଥା ଗ୍ରୁପ୍ -୧ (ବୟସ ୬-୯ ବର୍ଷ ମଧ୍ୟରେ), ଗ୍ରୁପ୍-୨ (୯-୧୨ ବର୍ଷ ମଧ୍ୟରେ ବୟସ) ଏବଂ ଗ୍ରୁପ୍ -୩ (ବୟସ ୧୨-୧୫ ବର୍ଷ ମଧ୍ୟରେ) । ପ୍ରତିଯୋଗିତା ସମୟରେ, ଶ୍ରୀମତୀ ଶୁଭଲକ୍ଷ୍ମୀ ଜେନା, ମହିଳା କଲ୍ୟାଣ ସଂଗଠନର (ECORWWO) ସଭାନେତ୍ରୀ, ଉତ୍କଳ ପବ୍ଲିକ ସ୍କୁଲରେ ଉପସ୍ଥିତ ଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉପହାର ବଣ୍ଟନ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ କହିଥିଲେ ଯେ ପିଲାମାନେ କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ବିଭିନ୍ନ ସହ-ପାଠ୍ୟକ୍ରମରେ ମଧ୍ୟ ନିଜକୁ ବିକାଶ କରିବା ଉଚିତ୍ । ଶ୍ରୀମତୀ ସୀମା ପନ୍ଥ, ମହିଳା କଲ୍ୟାଣ ସଂଗଠନ ର ଉପ-ସଭାନେତ୍ରୀ, ଶ୍ରୀମତୀ ପଲ୍ଲବୀ ଚୌହାନ, ମହିଳା କଲ୍ୟାଣ ସଂଗଠନର ସଚିବ ଏବଂ ଅନ୍ୟ ସଦସ୍ୟଙ୍କୁ ନେଇ ECORWWO ଦଳ ଏହି କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲେ ।

## ବିପଦରେ କୋଣାର୍କ ପୁରୀ ମେରାଇନ୍ ଡ୍ରାଇଭ ରାସ୍ତା

### କୂଳ ଲଂଘିଲା ସମୁଦ୍ର, ସମୁଦ୍ର ଗର୍ଭରେ ୩୩ କେଭି ବିଦ୍ୟୁତ ଖୁଣ୍ଟ



କୋଣାର୍କ ୧୩/ ୦୯ : କୋଣାର୍କ ପୁରୀ ମେରାଇନ୍ ଡ୍ରାଇଭ ରାସ୍ତା ଏବେ ବିପଦରେ । ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ପୂର୍ଣ୍ଣିମା ଯୁଆର ଯୋଗୁଁ ସମୁଦ୍ରରେ ବଡ଼ ଲହରୀ ଆସି ମେରାଇନଡ୍ରାଇଭ୍ ? ରାସ୍ତାକୁ କ୍ଷୟ କରିବାରେ ଲାଗିଛି । ଫଳରେ ଅନେକ ବିଦ୍ୟୁତ ଖୁଣ୍ଟ ଏବେ ସମୁଦ୍ର ଗର୍ଭରେ ଲିନ ହେବାକୁ ବସିଛି । ଏପଟେ ଲହଡି ଯୋଗୁ ପୁରୀ-କୋଣାର୍କ ରାସ୍ତାରେ ପର୍ଯ୍ୟଟକ ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି । ରାସ୍ତା କଡରେ ସମୁଦ୍ର ପାଣି ମାଡ଼ ହେଉଛି । ରାମଚଣ୍ଡୀ ସାହୁଖଣତାରୁ ଚନ୍ଦ୍ରଭଗା ବେଳାମାର୍ଗ ରାସ୍ତାରେ ଏବେ ସମୁଦ୍ରର ଅଶାନ୍ତ ଜୁଆର ଘନ ଘନ ମାଡ ହୋଇ ଅତଡା ଖାଉଥିବାରୁ ଏବେ ପୁରୀ-କୋଣାର୍କ ବେଳାମାର୍ଗ ରାସ୍ତା ସମୁଦ୍ରରେ ଲୀନ ହେବା ଆଶଙ୍କା ଦେଖାଦେଇଛି । ଗତ ୨ ଦିନ ହେବ ଚନ୍ଦ୍ରଭଗା ପୁରୀ ବେଳମାର୍ଗ ମୁଖ୍ୟରାସ୍ତା ଇକୋ ରିଟ୍ରିଟ ପାଖ ସମୁଦ୍ର ସୁଉଚ୍ଚ ଜୁଆର ମାଡ଼ି ଆସି ରାସ୍ତା ଉପରେ ଲହଡ଼ି ଭାଙ୍ଗୁଥିବା ଦେଖିବାକୁ ମିଳିଛି । ଫଳରେ ସମୁଦ୍ର କୂଳରେ ୩୩ କେଭିର ବିଦ୍ୟୁତ ଖୁଣ୍ଟି ଗୁଡିକ ରାସ୍ତାକଡ଼ ଜୁଆରମାଡ଼ ଖାଇ ନଷ୍ଟ ହେବାକୁ ବସିଛି । ଅନେକ ସୁଉଚ୍ଚ ଭାରି ବିଦ୍ୟୁତ ଖୁଣ୍ଟି ଗୁଡ଼ିକ ଭୁଶୁଡ଼ି ବେଳାମାର୍ଗ ରାସ୍ତାକୁ ଅତି ଭୟାନକ ଭାବେ ଢଳି ରହିଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ୨ବର୍ଷ ହେବ ସମୁଦ୍ରର ଗତିପଥ ବଦଳି ବେଳାମାର୍ଗର ମୁଖ୍ୟ ରାସ୍ତାକୁ ବିପଦରେ ପକାଇଥିବା ଓ ଏହା ଖୁବଶୀଘ୍ର ସମୁଦ୍ରର ଗର୍ଭରେ ଲୀନ ହେବ ଆଶଙ୍କା ଦେଖାଦେଇଛି ।

### କଟକରେ ନକଲି ଔଷଧ କାରବାର ମାମଲାରେ ୨ ଗିରଫ

ଭୁବନେଶ୍ୱର, ୧୨ ସେପ୍ଟେମ୍ବର – କଟକରେ ନକଲି ଔଷଧ କାରବାର ମାମଲାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି । ସୋମବାର ପୁରୀଘାଟ ଥାନାରେ ଦୁଇ ଅଭିଯୁକ୍ତ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ସଞ୍ଜୟ ଜଲାଲ ଓ ରାହୁଲ ଶ୍ୟାଲ । ନକଲି ମେଡିସିନ କାରବାର ମାମଲାରେ ସେମାନଙ୍କୁ ପଚରାଉଚରା ହେବ । ଦୁଇ ଔଷଧ ବିତରକ ସଂସ୍ଥାର ଅନ୍ୟ କିଛି କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରୁଛି ।

# ଆପ୍‌ର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କେନ୍ଦୁଝର, ୧୩/ ୯(ନି.ପ୍ର): ଆମ୍ ଆଦମୀ ପାର୍ଟି କେନ୍ଦୁଝର ତରଫରୁ ସ୍ଥାନୀୟ ତୈଳିକ ସମାଜ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର, କୃଷି, ପରିବେଶ, ମହିଳା ସଶକ୍ତିକରଣ ଏବଂ ଆଦିବାସୀ ସମାଜର ଉନ୍ନତି ପାଇଁ କିପରି ଆଗାମୀ ଦିନରେ କାର୍ଯ୍ୟ କରାଯିବ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ସଂଗଠନକୁ ସୁଦୃଢ କରିବା କେନ୍ଦୁଝର ଜିଲ୍ଲାର ବିଭିନ୍ନ କୋଣଅନୁକୋଣରୁ ଆସିଥିବା କାର୍ଯ୍ୟକର୍ତ୍ତା ମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା । ଆଗାମୀ ଦିନରେ ଆମ୍ ଆଦମୀ ପାର୍ଟିର ସ୍ୱଚ୍ଛ, ଇମାନଦାର ରାଜନୀତି କୁ ଗ୍ରହଣ କରି ଦେଶକୁ ଏକ ନମ୍ବର ରାଷ୍ଟ୍ର ଗଢିବା ପାଇଁ ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା । କେନ୍ଦୁଝରର କୋଣ ଅନୁକୋଣରେ ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କର ବିକଳ୍ପ ରାଜନୀତିର ବାର୍ତ୍ତା ବା ଦିଲ୍ଲୀ ମଡେଲ କୁ ପହଞ୍ଚାଇବା ନିମନ୍ତେ କର୍ମୀ ମାନଙ୍କୁ ଆହ୍ୱାନ କରାଯାଇଥିଲା । ଓଡ଼ିଶାରେ ବିଗତ ୨୩ ବର୍ଷଧରି ଶାସନରେ ଥିବା ବିଜୁ ଜନତା ଦଳର ଦୁର୍ନୀତି, ଅରାଜକତା ବିରୁଦ୍ଧରେ ଏବଂ ବିଜେଡି ର ସହଯୋଗୀ ବିଜେପି ଦଳର ଦୋମୁହାଁ ନୀତି ବିରୁଦ୍ଧରେ ଆମ ଆଦମୀ ପାର୍ଟି ରାଜ୍ୟବାସୀଙ୍କର ଏକମାତ୍ର ଆଶା ଓ ଭରସା ଅଟେ କ୍ଷ ସମସ୍ତେ ଜାଣିଛନ୍ତି ଯେ ଜନତାର ମୌଳିକ ଆବଶ୍ୟକତା ପୂରଣ କରିବା, ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ଶାସନ ଦେବା ସହିତ ମଜବୁତ ଅର୍ଥନୀତି ଗଢ଼ିତୋଳିବା ଆମ ଆଦମୀ ପାର୍ଟିର ସ୍ୱତନ୍ତ୍ରତା ଅଟେ । ସମସ୍ତେ ଜାଣନ୍ତି କେନ୍ଦୁଝର ଜିଲ୍ଲା ଏକ ଖଣିଜ ସମ୍ପଦ ରେ ପରିପୂର୍ଣ୍ଣ ଜିଲ୍ଲା । ଏହି ଜିଲ୍ଲା ରୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ହିସାବରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମିଳେ । କିନ୍ତୁ ସ୍ୱାଧୀନତାର ୭୬ ବର୍ଷ ପୂରଣ ସତ୍ତ୍ୱେ ଆଜି ବି କେନ୍ଦୁଝର ଜିଲ୍ଲା ଏକ ପଛୁଆ ଜିଲ୍ଲାରେ



ପରିଗଣିତ ହୁଏ । ଆଜି ବି ଅନେକ ସ୍ଥାନରେ ପିଇବା ପାଣିର ସୁବିଧା ନାହିଁ । ଲୋକେ ଚୁଆ ପାଣି ବ୍ୟବହାର କରୁଛନ୍ତି । ଅନେକ ସ୍ଥାନକୁ ରାସ୍ତା ର ସଂଯୋଗ ହୋଇନାହିଁ, ରୋଗୀ ଆଣିବା ପାଇଁ ଆମ୍ବୁଲାନସ ଯାଇପାରେ ନାହିଁ । ରୋଗୀ ଖଟିଆରେ ବୁହା ହୁଅନ୍ତି । ଆଜି ବି ଅନେକ ସ୍ଥାନରେ ସ୍କୁଲ ଯିବା ପାଇଁ ସୁବିଧା ନାହିଁ । ପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ସ୍କୁଲ ଯାଆନ୍ତି । ଆଜି ବି କେନ୍ଦୁଝର ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ନାହିଁ । ଗୋଟେ ଗୁରୁତର ରୋଗୀ ଆସିଲେ କଟକ କିମ୍ବା ଭୁବନେଶ୍ୱର ମେଡିକାଲ ନଗଲେ ଚିକିତ୍ସା ହୋଇପାରିବ ନାହିଁ । ରୋଜଗାର କଥା ନ କହିବା ଭଲ । କେନ୍ଦୁଝର ଜିଲ୍ଲାରେ ଖଣି ଥାଇ ମଧ୍ୟ ଚାକିରିର ସୁବିଧା ଥାଇ ମଧ୍ୟ କେନ୍ଦୁଝରର ଯୁବକ ଯୁବତୀମାନେ ଦାଦନ ଖଟିବାକୁ ଯାଆନ୍ତି । ଏଭଳି ବ୍ୟବସ୍ଥା କୁ ପରିବର୍ତ୍ତନ କରିବାର ଅଛି । ତେଣୁ ସମସ୍ତ କର୍ମୀମାନଙ୍କୁ ଏବଂ ସମସ୍ତ ଜନସାଧାରଣଙ୍କୁ ଆମ୍ ଆଦମୀ ପାର୍ଟିରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା । ନୂତନ କେନ୍ଦୁଝର ଗଢିବା, ଆମେ ନୂତନ ଓଡ଼ିଶା ଗଢିବା, ଭାରତକୁ ଏକ ନମ୍ବର ରାଷ୍ଟ୍ର ରେ ଗଢି ତୋଳିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ଦିନରେ ଆମ୍ ଆଦମୀ ପାର୍ଟିର ସରକାର ହେଲେ କେନ୍ଦୁଝରରେ ବିଶ୍ୱ ସ୍ତରୀୟ ଶିକ୍ଷା, କେନ୍ଦୁଝରରେ ସୁପର ମେଡିକାଲ ତିଆରି କରିବା ଏବଂ ମାଗଣା ଚିକିତ୍ସା ସେବା ଯୋଗାଇଦେବା, ସମସ୍ତ ବେରୋଜଗାରଙ୍କୁ ରୋଜଗାର ଯୋଗାଇଦେବା ନିମନ୍ତେ ଆମ୍ ଆଦମୀ ପାର୍ଟି କାର୍ଯ୍ୟ କରିବ ।ଆଗାମୀ ଦିନରେ ଅରବିନ୍ଦ କେଜ୍ରିୱାଲଙ୍କ ମଡେଲକୁ ପ୍ରତ୍ୟେକ ବୁଥ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ କର୍ମୀମାନଙ୍କୁ କହିଥିଲେ । ୨୦୨୪ ରେ ପାର୍ଟି କେନ୍ଦୁଝର ଜିଲ୍ଲାର ଲୋକସଭା ସହିତ ସମସ୍ତ ବିଧାନସଭାରେ ପ୍ରାର୍ଥୀ ଦେବ ବୋଲି ଜିଲ୍ଲା ପ୍ରଭାରୀ ଗୋପବନ୍ଧୁ ମହାନ୍ତ ସୂଚନା ଦେଇଥିଲେ । ଆଗାମୀ ଦିନରେ ପାର୍ଟି ପ୍ରତ୍ୟେକ ବିଧାନସଭା, ବ୍ଲକ, ଜୋନ, ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ କରାଯିବା ସହିତ ପ୍ରତ୍ୟେକ ବୁଥ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଜିଲ୍ଲା ସଭାପତି ମେଘନାଥ ମାଝୀ ପ୍ରକାଶ କରିଥିଲେ ।ସେହିପରି ମୟୁରଭଞ୍ଜ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ଚନ୍ଦ୍ର ମହାନ୍ତ, ଚନ୍ଦନ କିସ୍କୁ, ବ୍ରଜ କିଶୋର ଟୁଡୁ କାର୍ଯ୍ୟକ୍ରମରେ ଯୋଗ ଦେଇ ସଂଗଠନ କେମିତି ଦୃଢ଼ ହେବ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାର ସକ୍ରିୟ କର୍ମୀ, କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ବ୍ଲକ, ଏନ.ଏ.ସି, ମ୍ୟୁନିସିପାଲିଟିରୁ ୩୦୦ ରୁ ଅଧିକ ସକ୍ରୀୟ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ସମ୍ମିଳନୀକୁ ଜିଲ୍ଲା ଆବାହକ ମେଘନାଥ ମାଝୀ, ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, ଜିଲ୍ଲା ଯୁବ ସଭାପତି ହେମନ୍ତ ମହାନ୍ତ ପରିଚାଳନା କରିଥିଲେ । ଜିଲ୍ଲା ସଂଗଠନ ସମ୍ପାଦକ ଭବାନୀ ଶଙ୍କର ମହାନ୍ତ, ଜିଲ୍ଲା ସମ୍ପାଦକ ଶୁଭଙ୍କର ମହାନ୍ତି, ଜିଲ୍ଲା ସମ୍ପାଦକ ଜିତେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ସୂର୍ଯ୍ୟକିରଣ ଏୟାର ଶୋ ପାଇଁ ସ୍ଥିତି ଅନୁଧ୍ୟାନ କଲେ ସିପି



ଭୁବନେଶ୍ୱର, ୧୩ ସେପ୍ଟେମ୍ବର - ଆସନ୍ତା ୧୬ ତାରିଖରେ କୁଆଖାଇ ନଦୀକୂଳରେ ହେବାକୁ ଥିବା ସୂର୍ଯ୍ୟକିରଣ ଏୟାର ଶୋ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏୟାର ଶୋ ପୂର୍ବରୁ ସୋମବାର ଦିନ ଗ୍ରାଉଣ୍ଡ ସ୍ଥିତି ପରଖିଛନ୍ତି ପୋଲିସ କମିଶନର ଏବଂ ଡିସିପି । ପ୍ରଦର୍ଶନୀ ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ ବ୍ୟବସ୍ଥା କିପରି ହେବ ତାର ଯାଂଚ କରାଯାଇଛି । ସୂଚନାଯୋଗ୍ୟ ଯେ ୧୬ ତାରିଖ ଦିନ କୁଆଖାଇ ନିକଟ ବାଲିଯାତ୍ରା ପଡିଆରେ ବାୟୁସେନାର ୯ଟି ଲଢୁଆ ବିମାନ କଳାକୌଶଳ ପ୍ରଦର୍ଶନ କରିବ । ଦର୍ଶକ ୪୫ ମିନିଟର ଚିତାକର୍ଷକ ଶୋ'ଦେଖିବେ । ୪୫ ମିନିଟର ଏହି ସୋ ପାଇଁ ୧୦ ଟାରୁ ୧୧ ଟା କିମ୍ବା ୪ଟା ୧୫ରୁ ୫ଟା ୧୫ ଯାଏଁ ସମୟ ଧାର୍ଯ୍ୟ କରାଯାଇଛି । ପାଣିପାଗକୁ ଦୃଷ୍ଟିରେ ରଖି ଯେକୌଣସି ଗୋଟିଏ ସମୟରେ ଏହି ଏୟାର ସୋ କରାଯିବ । ଏଥିପାଇଁ ଏୟାର ଟ୍ରାଫିକ୍ କଂଟ୍ରୋଲର ଅନୁମତି ଦେବ । ଏୟାର ସୋ କୁ ଦେଖିବା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଯିବାର କାର୍ଯ୍ୟକ୍ରମ ରହିଛି । ହାଇଟେକ ଛକରୁ ଜରିପାଟଣା ରାସ୍ତାରେ କିଭିଳି ଜାମ ନ ହେବ ସେ ନେଇ ଟ୍ରାଫିକ ପୋଲିସ ନଜର ରଖିବ । କୁଆଖାଇ ନଦୀ ପଠା ଓ ଅପରେ ପଟେ ସୁରକ୍ଷା ଲାଗି ପୋଲିସ କର୍ମଚାରୀ ମୁତୟନ ହେବେ । ସେହିଭଳି ପୂର୍ତ୍ତ ବିଭାଗ ପକ୍ଷରୁ ମାଟି ପକାଇ ସମତୁଳ କରିବା ସହିତ ପ୍ରସ୍ତୁତି ଜାରିରଖିଛି । ସେହିପରି ପୁରୀରେ ଥିବା ରାଜଭବନ ନିକଟରେ ଆସନ୍ତା ୧୮ ତାରିଖରେ ଏହି ସୋ ହେବ ।

# ଆର୍ସେଲର ମିତ୍ତଲ କମ୍ପାନୀ ଫାଟକରେ ଇଞ୍ଜିନିୟରଙ୍କ ଆମରଣ ଅନଶନ




ପାରାଦୀପ, ୧୩/ ୯ (ନି.ପ୍ର): ପାରାଦୀର ଆର୍ସେଲର ମିତ୍ତଲ କମ୍ପାନୀ ଫାଟକ ଆଗରେ ଗତ କାଲିଠାରୁ ଆମରଣ ଅନଶନରେ ବସିଛନ୍ତି ଚାରି ଜଣ ଇଞ୍ଜିନିୟର ଓ ତାଙ୍କ ପରିବାର ସଦସ୍ୟ । ଆର୍ସେଲର ମିତ୍ତଲ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦାବି କରି ଦୁଇ ଦିନ ହେଲା ସ୍ଥାନୀୟ ନୂଆଗଡ଼ ଓ ଭୂତମୁଣ୍ଡାଇ ପଞ୍ଚାୟତ ର ଏହି ଜମିହରା ପରିବାର ର ଚାରି ଜଣ ଇଞ୍ଜିନିୟରିଂ ଯୁବକ ଆମରଣ ଅନଶନରେ ବସିଛନ୍ତି । ସୂଚନା ଅନୁଯାଇ ବର୍ତ୍ତମାନ ଆର୍ସେଲର ମିତ୍ତଲ କମ୍ପାନୀ ହୋଇଥିବା ଜାଗାଟି ପୂର୍ବରୁ ଏସାର୍ କମ୍ପାନୀ କୁ ଦେଇଥିବା ନୂଆଗଡ଼ ଓ ଭୂତମୁଣ୍ଡାଇ ପଞ୍ଚାୟତ ଜମିହରା ପରିବାରମାନଙ୍କର । ଏସ୍ଆର୍ କମ୍ପାନୀ ତାର କମ୍ପାନୀ କରିବା ସମୟରେ ଜମିହରା ପରିବାର ସହ ହୋଇଥିବା ଚୁକ୍ତି ପତ୍ର, ପ୍ରତେକ ପରିବାରକୁ ସ୍ଥାୟୀ ନିଯୁକ୍ତି ସହ ସମସ୍ତ କ୍ଷତି ପୂରଣ କରିବା ପାଇଁ । ହେଲେ ସେତେବେଳେ ଏସ୍ଆର୍ କମ୍ପାନୀର ପ୍ରୋଜେକ୍ଟ କାମଚାଲୁଥିବାରୁ ଜମିହରା ପରିବାର ଯୁବକ ମାନଙ୍କୁ ଠିକା ନିଯୁକ୍ତି ଭିତିକରେ ଏସ୍ଆର୍ କମ୍ପାନୀ ରଖିଥିଲା । ଏସ୍ଆର୍ କମ୍ପାନୀ ଜମୀହରା ପରିବାରର ଲୋକମାନଙ୍କୁ କହିଥିଲା ଯେତେବେଳେ ପ୍ରୋଜେକ୍ଟ କମିସନିଂ ହୋଇଯିବ ସ୍ଥାୟୀ ନିଯୁକ୍ତି କରାଯିବ । ଏସ୍ଆର୍ କମ୍ପାନୀକୁ ଆର୍ସେଲର ମିତ୍ତଲ କମ୍ପାନୀ ନେବା ପରେ ୨୦୨୦ ରୁ କମିସନିଂ ହେଲାଣି । କମିସନ୍ଂ ହେବା ଦୁଇ ବର୍ଷ ହୋଇଥିଲେ ମଧ ଜମି ହରଇଥିବା ପରିବାରର ଇଞ୍ଜିନିୟରିଂ ପାଠ ପଢି ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେବାରୁ ଗତ କାଲି ବୁଧବାର ସଖାଳ ୧୦ଟାରୁ ଆମରଣ ଅନଶନରେ ବସିଛନ୍ତି । ସେମାନେ କହିବାକଥା ଯେ, ଆମ ମନାଙ୍କ ସ୍ଥାୟୀ ନିଯୁକ୍ତି କରିବା ପାଇଁ ୨୦୨୦ରୁ ଅନେକ ଥର ଆର୍ସେଲର ମିତ୍ତଲ କମ୍ପାନୀ କୁ ଜଣାଇଅଛୁ । ଆର୍ସେଲର ମିତ୍ତଲ କମ୍ପାନୀ ଆମ ମାନଙ୍କୁ ବାରମ୍ବାର ସମୟ ନେଇ ଦୁଇ ବର୍ଷ ବିତିଲାଣି । ହେଲେ କୈଣସି ସୁଫଳ ମିଳୁ ନାହିଁ । ଏପରିକି ମାସିକ ଦରମା ଠିକ ଭାବରେ ଦେଉନି । ଚାରି ପାଞ୍ଚ ମାସକୁ ଥରେ, ସାତ ବର୍ଷକୁ ଥରେ ଦରମା ଦେଉଛନ୍ତି । ସେମାନଙ୍କ ସ୍ଥାୟୀ ନିଯୁକ୍ତି ଦାବିକରି ଦୁଇ ଦିନ ଆମରଣ ଅନଶନରେ ବସିବା ପରେ କମ୍ପାନୀ ସତ ଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ଲିଖିତ ପତିସ୍ରୁତି ଦେବା ପରେ ଅନଶନରୁ ଓହୋରିଛନ୍ତି ଚାରି ଜଣ ଇଞ୍ଜିନିୟର ଓ ତାଙ୍କ ପରିବାର ସଦସ୍ୟ ।

# ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ପ୍ରଦାନ ସମାରୋହ

ଧର୍ମଶାଳା, ୧୩/ ୯ (ନି.ପ୍ର):ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଓ ଗୋକର୍ଣ୍ଣିକା ପୂଜ୍ୟ ପୂଜା ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ପୁର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରି , ଧର୍ମଶାଳା ସାହିତ୍ୟ ସଂସ୍କୃତିର ଗନ୍ତାଘର, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଦୀର୍ଘ ୪୭ ବର୍ଷ ଧରି ଗ୍ରାମାଂଚଳରେ ସାହିତ୍ୟ ସଭା କରିଆସୁଥିବା ବେଳେ ଏହାର ସାହିତ୍ୟ ପତ୍ରିକା ଗୋକର୍ଣ୍ଣିକା ୪୫ ବର୍ଷ ଧରି ବହୁ ଯୁବ ସାହିତ୍ୟିକଙ୍କୁ ସୃଷ୍ଟି କରିଛି । କ୍ଷମତାରେ ଥାଇ ସାହିତ୍ୟ ସଂସ୍କୃତିକୁ ସମ୍ମାନ କରୁ ନଥିବା ବ୍ୟକ୍ତି ମଣିଷ ନୁହେଁ ପଶୁ ସାଙ୍ଗରେ ସମାନ । ଏହି ଅନୁଷ୍ଠାନକୁ ରାଜ୍ୟ ସ୍ତରରେ ସମ୍ମାନିତ କରିବା ଆମର ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଗୋକର୍ଣ୍ଣିକା ପତ୍ରିକା ହେଉଛି ଓଡିଶାର ଏକ ପ୍ରମୁଖ ସାହିତ୍ୟ ପତ୍ରିକା । ଯାହାକି ଜାରକା ଭଳି ଗ୍ରାମାଂଚଳରୁ ନିରବଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି । ସ୍ୱକ୍ରିୟ ସାରସ୍ୱତ ଶୈଳୀରେ ଜୀବନର ବିବିଧ ଭାଗକୁ ଉନ୍ମୋଚନ କରିବାରେ ପଣ୍ଡିତ ତ୍ରିପାଠୀ ସଫଳ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନେ ଶରତଚନ୍ଦ୍ର ନାୟକଙ୍କ ପୁସ୍ତକ " ସଙ୍କିର୍ତନ ସଙ୍ଗୀତ ମାଳା" ଓ ସରୋଜକାନ୍ତ ପରିଜାଙ୍କ " ଗୀତରେ ଗୀତରେ ବଡମଣିଷ" ପୁସ୍ତକକୁ ଉନ୍ମୋଚନ କରିଥିଲେ । ପୁର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କୁ ମର୍ଯ୍ୟାଦା ଜନକ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ୨୦୨୨ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ସାହିତ୍ୟିକ ଚିତରଞ୍ଜନ ବ୍ରହ୍ମା (ରଉରକେଲା)ଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶିଶୁ ସହିତ୍ୟିକ ସରୋଜ କୁମାର ପରିଜା ( ବାଲିଚନ୍ଦ୍ରପୁର)ଙ୍କୁ ଶିଶୁ ସାହିତ୍ୟ ସମ୍ମାନ, କବି ଡ. ଯତିନ୍ଦ୍ର କୁମାର ରାଉତ ( ବି ବି ମହାବିଦ୍ୟାଳୟ ଚଣ୍ଡିଖୋଲ)ଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ର ଗୁଡିକୁ ଡ. ଇନ୍ଦୁପ୍ରଭା ସାମଲ, ଗାୟତ୍ରୀ ନାୟକ, ପ୍ରିୟଙ୍କା ପ୍ରୟଦର୍ଶିନୀ ରାୟ ପାଠ କରିଥିଲେ । ପରେ ଅତିଥିମାନଙ୍କୁ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ବିଦ୍ୟାଧର ସାହୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com

Editor : Ramdas Lima,

All legal matters subject to Rayagada Jurisdiction only

ସମ୍ପାଦକ: ରାମଦାସ ଲିମା